ODIA DAILY EDITION
16.06.2025
କଟକ, ସୋମବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଜୁନ-୧୬, ୨୦୨୫
ବର୍ଷ-୩୬, ସଂଖ୍ୟା-୩୩୮
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com
matrubhasanews@gmail.com
matrubhasanews@yahoo.co.in
facebook.com/matrubhasanews

# ଯାଜପୁରରେ କେନ୍ଦ୍ରୀୟ ଟିମ୍

- ଡେଉଁଛି ଡାଇରିଆ, ୭ ଜିଲ୍ଲାକୁ ମାଡ଼ି ଗଲାଣି ଝାଡ଼ାବାନ୍ତି
- ସ୍ଥିତି ନେଇ କେନ୍ଦ୍ରୀୟ ଟିମ୍‌ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା
- ବରୀରେ ୨ ସପ୍ତାହ ଖୋଲିବନି ହୋଟେଲ ସହିତ ଦୋକାନ



**ଭୁବନେଶ୍ୱର, ୧୫।୬:** ହଇଜା ସ୍ଥିତି ସମୀକ୍ଷା ପାଇଁ ଯାଜପୁରରେ କେନ୍ଦ୍ରୀୟ ଟିମ୍। ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରୁଛି ୧୪ ଜଣିଆ କେନ୍ଦ୍ରୀୟ ଟିମ୍। ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଙ୍କ ସହ ଆଲୋଚନା କରୁଛି। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଯାଜପୁର ସାଂସଦ, ବଡ଼ଚଣା ଓ ଧର୍ମଶାଳା ବିଧାୟକ, ଜିଲ୍ଲାପାଳ ଓ ଏସପି ଉପସ୍ଥିତ ରହିଛନ୍ତି । ଯାଜପୁର ଜିଲ୍ଲାରେ କିଛି ଆକ୍ରାନ୍ତଙ୍କ ପାଖରେ କଲେରା ବ୍ୟାକ୍ଟେରିଆ ଚିହ୍ନଟ ପରେ ଚିନ୍ତା ବଢିଛି। ଏହାର ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ଟିମ୍ ଯାଜପୁର ଗସ୍ତ କରିଛନ୍ତି। ଜିଲ୍ଲାରେ ଝାଡାବାନ୍ତିରେ ମୋଟ ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ମୃତକ ଖଇରାବାଦ ଓ କୋଟବସନ୍ତ ଅଞ୍ଚଳର । ଯାଜପୁରରେ ୧୧ କଲେରା କେସ୍ ଚିହ୍ନଟ ହେବା ପରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପାଣି ନପିଇବାକୁ ପରାମର୍ଶ ଦିଆଯାଇଛି । ସମ୍ପୃକ୍ତ ଅଂଚଳଗୁଡିକରେ ଥିବା ଜଳଉତ୍ସ ଗୁଡିକୁ ବିଶୋଧନ କରାଯିବା ସହ ଲୋକମାନଙ୍କୁ ସଚେତନ କରାଯାଉଛି ।

ରାଜ୍ୟରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ପ୍ରତିଦିନ ଏହି ତାଲିକାରେ ଯୋଡି ହେଉଛି ନୂଆ ନୂଆ ଜିଲ୍ଲା। ଗୋଟିଏ ଗୋଟିଏ ଅଂଚଳରେ ଅଚାନକ ମାଡି ଯାଉଛି ଡାଇରିଆ। ଆଉ ଗଡୁଛି ମୁଣ୍ଡ। ଯାଜପୁରରେ ଡାଇରିଆ ସ୍ଥିତି ଉଦବେଗଜନକ ଥିବାବେଳେ ଝାଡ଼ାବାନ୍ତି ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି । ଯାଜପୁର ପରେ କେନ୍ଦ୍ରାପଡ଼ା, କଟକ, ଛାନିଆ ହୋଇପଡ଼ିଛନ୍ତି ।

ଯାଜପୁର ପରେ ପଡ଼ୋଶୀ ଜିଲ୍ଲା କେନ୍ଦ୍ରାପଡ଼ାରେ ଏବେ ପାଦ ପକାଇଛି ହଇଜା । କେନ୍ଦ୍ରାପଡ଼ା ଏଣ୍ଡର

## ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଢେଙ୍କାନାଳ, କେନ୍ଦୁଝର, ଭଦ୍ରକରୁ ଚିହ୍ନଟ ହୋଇଛନ୍ତି ଝାଡାବାନ୍ତି ଆକ୍ରାନ୍ତ । ଯାଜପୁର ଜିଲ୍ଲାର ସ୍ଥିତି ଭୟଙ୍କର ରହିଛି । ୧୦ ବ୍ଲକରେ ୧୫ ଶହରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସରକାରୀ ଭାବେ ସ୍ପଷ୍ଟ କରାଯାଇନଥିଲେ ବି ଜିଲ୍ଲାରେ ୧୪ ଜଣଙ୍କର ମୁଣ୍ଡ ଗଡ଼ିଛି । ବଡ଼ କଥା ହେଉଛି ୧୧ ନମୁନାରୁ ହଇଜା ଜୀବାଣୁ ଚିହ୍ନଟ ହେବା ପରେ ଲୋକେ ଶ୍ୟାମସୁନ୍ଦରପୁର ଗାଁରେ ବ୍ୟାପିବାରେ ଲାଗିଛି ଝାଡ଼ାବାନ୍ତି । ଏପିରିକି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସଜନି ମଲିକ ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସ୍ଥିତି ବିଗୁଡୁଥିବାବେଳେ ଗାଁରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ଭୁବନ ଏନଏସି ଓ ବ୍ଲକର ବିଭିନ୍ନ ପଞ୍ଚାୟତରେ ବି ବ୍ୟାପିଛି ଡାଇରିଆ କ୍ଷ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୩୦ରୁ ଊର୍ଦ୍ଧ୍ୱ ଲୋକ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି କ୍ଷ ତେବେ କେଉଁ କାରଣରୁ ଭୁବନରେ ଝାଡ଼ାବାନ୍ତି ବ୍ୟାପିଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ପଡ଼ୋଶୀ ଯାଜପୁର ଜିଲ୍ଲାରୁ ଏହା ବ୍ୟାପିଥିବା ଅନୁମାନ କରାଯାଉଛି କ୍ଷ ଏହି ଖବର ପାଇ ଉପଜିଲ୍ଲାପାଳ ଓ ଡାକ୍ତରୀ ଟିମ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ଯାଜପୁର ସୀମାକୁ ଲାଗିଥିବା କେନ୍ଦୁଝର ଘଷିପୁରା ଅଞ୍ଚଳରେ ଡାଇରିଆକୁ ନେଇ ଆତଙ୍କ ସୃଷ୍ଟି ହୋଇଛି । ଘସିପୁରା ବ୍ଲକ ଚମ୍ପାପାଳ ଗାଁର ଜଣେ ମହିଳାଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ସେପଟେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନର ନିଦ ହଜିଛି । କଟକ ଜିଲ୍ଲା ବାଙ୍କୀ ଅଞ୍ଚଳରେ ମଧ ଡାଇରିଆ ଆତଙ୍କ ଦେଖାଦେଇଛି । ଘୋଳପୁର ଗାଁରେ ଆଉ ୧୩ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହେବ ପରେ ଭୟ ବଢ଼ିଛି । ସେପଟେ ୧୨ ଜଣ ଆକ୍ରାନ୍ତ ତିଗିରିଆ, ଆଠଗଡ଼ ଓ ଜଣେ ଗୁରୁତରଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ତେବେ ଭଦ୍ରକ ଭଣ୍ଡାରିପୋଖରୀ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ନିୟନ୍ତ୍ରଣକୁ ଆସିଥିବା ଜଣାପଡିଛି ।

ଯାଜପୁର ଜିଲ୍ଲାର କିଛି ସ୍ଥାନରେ ହଇଜା ସଂକ୍ରମଣ ବ୍ୟାପିଥିବା ମଧ ଚର୍ଚ୍ଚା ହେଉଛି। ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ବରୀରେ ୨ ସପ୍ତାହ ପାଇଁ ସମସ୍ତ ହୋଟେଲ୍, ଢାବା, ତେଜରାତି ଓ ମିଠା ଦୋକାନ ବନ୍ଦ ରହିବ। ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶ ହୋଇଛି।

ପ୍ରଶାସନ ତରଫରୁ କୁହାଯାଇଛି ଯେ, ଫାଷ୍ଟଫୁଡ୍, ଚାଟ୍, ଗୁପଚୁପ୍ ଦୋକାନ ମଧ ଖୋଲାଯାଇ ପାରିବ ନାହିଁ। ସେହିପରି ଆଇସକ୍ରିମ ଓ ପାଣି ପାଉଚ୍ କାରଖାନା ସହ ମାଛ, ଚିକେନ୍ ଦୋକାନ ବନ୍ଦ ରହିବ। ବିନା ଅନୁମତିରେ କେ ?ଣସି ଦୋକାନ ଖୋଲିଲେ ସଂପୃକ୍ତ ଦୋକାନୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରଶାସନ ପକ୍ଷରୁ ବିବାହ, ବ୍ରତଘର, ଜନ୍ମଦିନ ତଥା ସମୂହ ଭୋଜିକୁ ବର୍ଜନ କରିବାକୁ ଅନୁରୋଧ କରାଯାଇଛି।

ଯାଜପୁର ଓ କେନ୍ଦୁଝର ସମେତ ଏହାର ପଡ଼ୋଶୀ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିବା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଜିଲ୍ଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହାଇଆଲର୍ଟ ମୋଡ୍‌ରେ ରଖିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ବରିଷ୍ଠ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା, ୭ ଜଣଙ୍କ ମୃତ୍ୟୁ



**ଡେରାଡୁନ, ୧୫।୬:** କେଦାରନାଥ ନିକଟରେ ରବିବାର ସକାଳେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ହେଲିକପ୍ଟରଟି କେଦାରନାଥର ଗୌରୀକୁଣ୍ଡ ଜଙ୍ଗଲରେ ଦୁର୍ଘଟଣାର ଶିକାର ହୋଇଛି। ଏଥିରେ ୫ ଯାତ୍ରୀ ଓ ୨ ପାଇଲଟଙ୍କୁ ମିଶାଇ ମୋଟ ୭ ଜଣ ଥିଲେ। ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଏନଡିଆରଏଫ ଏବଂ ଏନଡିଆରଏଫ ଦଳକୁ ଘଟଣାସ୍ଥଳକୁ ପଠାଯାଇଛି।

ସୂଚନା ଅନୁଯାୟୀ, ରବିବାର ସକାଳେ ଆର୍ଯ୍ୟାନ କମ୍ପାନୀର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣା ଗୌରୀକୁଣ୍ଡ ଅଞ୍ଚଳରେ ଘଟିଛି। ଘଟଣାଟି ସକାଳ ପ୍ରାୟ ୫ଟା ୩୦ରେ ଘଟିଥିବା କୁହାଯାଉଛି। ହେଲିକପ୍ଟରର ଦୁର୍ଘଟଣାର କାରଣ ଖରାପ ପାଗ ବୋଲି କୁହାଯାଉଛି। ହେଲିକପ୍ଟର ନୋଡାଲ ଅଧିକାରୀ ରାହୁଲ ଚୌବେ ଏବଂ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ନନ୍ଦନ ସିଂହ ରାଜୱାର ହେଲିକପ୍ଟର ଦୁର୍ଘଟଣା ନିଶ୍ଚିତ କରିଛନ୍ତି। ଗୌରୀକୁଣ୍ଡ ଉପରେ ଘାସ କାଟୁଥିବା ନେପାଳୀ ବଂଶୋଦ୍ଭବ ମହିଳାମାନେ ହେଲିକପ୍ଟର ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଏହି ମର୍ମନ୍ତୁଦ ଦୁର୍ଘଟଣାରେ ସାତ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ଦମ୍ପତି ଏବଂ ସେମାନଙ୍କର ୨୩ ମାସର ଶିଶୁ ମଧ ଏଥିରେ ଅନ୍ତର୍ଭୁକ୍ତ, ଜୟସୱାଲ ପରିବାର ମହାରାଷ୍ଟ୍ରର ବୋଲି ଜଣାପଡିଛି। ଦୁଇ ଜଣ ସ୍ଥାନୀୟ ଲୋକ, ବିନୋଦ ନେଗି ଏବଂ ବିକ୍ରମ ସିଂହ ରାୱତ।

## ୫ ଦିନିଆ ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୫।୬:** ଆଜିଠୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ୫ଦିନିଆ ବିଦେଶ ଗସ୍ତ । ସୂଚନା ଅନୁସାରେ ୩ ଦେଶ ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ । ସାଇପ୍ରସ, କାନାଡା ଓ କ୍ରୋଏସିଆକୁ ଗସ୍ତ କରିବେ

### ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ

ମୋଦି । ୧୫ରୁ ୧୬ ଜୁନ ସାଇପ୍ରସରେ, ୧୬ରୁ ୧୭ ଜୁନ କାନାଡାରେ ଓ ୧୮ ଜୁନ କ୍ରୋଏସିଆ ଯାଇ ୧୯ରେ ଭାରତକୁ ଫେରିବା କାର୍ଯ୍ୟକ୍ରମ ରହିଛି । ତେବେ ୩ ଦେଶର ଗସ୍ତ ମଧ୍ୟରେ ସବୁଠୁ ଅଧିକ ଚର୍ଚ୍ଚାରେ ରହିବ ମୋଦିଙ୍କ କାନାଡା ଗସ୍ତ । କାରଣ ଭାରତ ଓ କାନାଡା ମଧ୍ୟରେ ଖଲିସ୍ତାନୀଙ୍କୁ ନେଇ ବିବାଦ ଚାଲିଛି ଓ ଏହା ଭିତରେ କାନାଡାରେ ଆୟୋଜିତ ଜି-ସେଭେନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗ ଦେବେ । ତେବେ ୩ ଦେଶର ରାଷ୍ଟ୍ରନେତାଙ୍କ ସହ ମୋଦୀଙ୍କ ଦ୍ୱିପାକ୍ଷିକ ଆଲୋଚନା କରିବେ

| | |
|---|---|
| ସେନ୍‌ସେକ୍ସ | ୮୧,୧୧୮ |
| ନିଫ୍ଟି | ୨୪,୭୨୮ |
| ସୁନା/୧୦ଗ୍ରା | ୯୯,୭୪୫ |
| ରୂପା/କିଗ୍ରା | ୧,୦୨,୨୪୫ |
| ଡଲାର | ୮୫.୨୫ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୬.୨° |
| କଟକ: | ୩୩.୦° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୭.୨° |
| କଟକ: | ୨୬.୦° |

### ହାଲ୍‌ଚାଲ୍




ପାଖେଇ ଆସୁଛି ରଥଯାତ୍ରା
ପ୍ରସ୍ତୁତି ଜୋରରେ ଚାଲିଛି
ଅଣସେବାୟତ ରଥରେ ଚଢ଼ିବେନି
ନିର୍ଦ୍ଦେଶ ଜାରି ହୋଇଛି
ପୁରୀକୁ ଜଗିବ ଏଆଇ କ୍ୟାମେରା
ସୁରକ୍ଷା କଡ଼ା କରାଯାଇଛି ।

## ଅଣ ସେବାୟତ ରଥ ଉପରେ ଚଢ଼ିଲେ ଗିରଫ

### ଶୃଙ୍ଖଳିତ ଓ ସୁରକ୍ଷିତ ରଥଯାତ୍ରା ନେଇ ସବୁ ବିଭାଗ ସହ ଆଲୋଚନା ଶେଷ

**ଭୁବନେଶ୍ୱର/ପୁରୀ, ୧୫।୬:** ମହାପ୍ରଭୁଙ୍କର ପବିତ୍ର ରଥଯାତ୍ରା ଯେତିକି ପାଖେଇ ଆସୁଛି, ସରକାର, ପୁରୀ ଜିଲ୍ଲା

- ରଥରେ ସେବାୟତଙ୍କୁ ଫୋନ୍ ମନା
- ପୁରୀକୁ ଜଗିବ ଏଆଇ କ୍ୟାମେରା



ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ଚିନ୍ତା ସେତିକି ବଢ଼ିବାରେ ଲାଗିଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସରକାର ଲାଗିପଡ଼ିଛନ୍ତି। ଏଥି ପାଇଁ ଯାହା ସବୁ ଦରକାର ସେଥି ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ରଥଯାତ୍ରାରେ ସୁରକ୍ଷା ବ୍ୟବସ୍ଥା ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶ ଯୋଗେଶ ବାହାଦୂର ଖରାନିଆ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି।

ଡିଜିପି କହିଛନ୍ତି, ଶୃଙ୍ଖଳିତ ଓ ସୁରକ୍ଷିତ ରଥଯାତ୍ରା ନେଇ ସବୁ ବିଭାଗ ସହ ଆଲୋଚନା ସରିଛି। ପୁରୀ ଟାଉନ ଥାନାରେ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ରୁମ୍ ରହିବ। ରଥଯାତ୍ରାକୁ ଏଥର ଏଆଇ କ୍ୟାମେରା ନଜର ରଖିବ। ପୁରୀ ସହରରେ ଏଆଇ କ୍ୟାମେରା ଲାଗିବ। ସେହିପରି ଭୁବନେଶ୍ୱର ଉତ୍ତରା ଛକ ଠାରୁ ଆରମ୍ଭ କରି ପୁରୀ ପର୍ଯ୍ୟନ୍ତ ସିସିଟିଭି କ୍ୟାମେରା ଲଗାଯିବ। କୋଣାର୍କ ପଟରୁ ମଧ ପୁରୀ ପର୍ଯ୍ୟନ୍ତ ସିସିଟିଭି ନଜରରେ ରହିବ। ଇଣ୍ଟିଗ୍ରେଟେଡ୍ ? କମାଣ୍ଡ କଂଟ୍ରୋଲ ଜରିଆରେ ଭିଡ଼ ନିୟନ୍ତ୍ରଣ ହେବ।


ରଥଯାତ୍ରାକୁ ନେଇ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ରଖିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରଥ ଉପରକୁ ଅଣସେବାୟତ ଚଢ଼ିଲେ ଗିରଫ ହେବେ। ରଥ ଉପରେ ମୋବାଇଲ୍ ଫୋନ୍ ବ୍ୟାନ୍ ହେବ। ପହଣ୍ଡିରେ କେଉଁ ସେବାୟତ ରହିବେ ଏହାର ତାଲିକା ପ୍ରସ୍ତୁତ କରାଯିବ। ଅଭିଜ୍ଞ, ବରିଷ୍ଠ ଓ ଯୁବବର୍ଗଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ।

ରଥରେ ସେବାୟତମାନେ ମୋବାଇଲ ବ୍ୟବହାର କରିପାରିବେନି। ଠାକୁରଙ୍କ ପହଣ୍ଡି ସମୟରେ କେଉଁ ସେବାୟତ ଉପସ୍ଥିତ ରହିବେ, ତାହାର ତାଲିକା ପ୍ରସ୍ତୁତ ହେବ। ଘଣ୍ଟୁଆ ସେବାୟତ ମାନଙ୍କର ମଧ ତାଲିକା କରାଯିବ। ନିଯୋଗ ଗୁଡିକ ତାଲିକା ପାଇଁ ସେବାୟତଙ୍କ ନାଁ ଦେବେ। ଛତିଶା ନିଯୋଗ ସହ ଆଲୋଚନାରେ ନିଷ୍ପତ୍ତି ହୋଇଛି। ଶନିବାର ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାପତି ନିଯୋଗ ମଧ୍ୟରେ ବୈଠକ କରାଯାଇ ଶୃଙ୍ଖଳିତ ଘୋଷଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇଛି।

ସୂଚନାଯୋଗ୍ୟ, ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଖେଇ ଆସୁଛି। ଆସନ୍ତା ୨୭ ତାରିଖ ଦିନ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନ ହେବ। ଏଥି ପାଇଁ ଏବେ ରଥ ନିର୍ମାଣ କାମ ଜୋରଦାର ଚାଲିଛି। ଶାନ୍ତି ଶୃଙ୍ଖଳା ପାଇଁ ପୁରୀ ସହରରେ ବ୍ୟାପକ ପୁଲିସ ମୁତୟନ ହେବେ।

- ଅଦିନିଆ ସ୍ନାନଯାତ୍ରା-ରଥଯାତ୍ରା ପ୍ରସଙ୍ଗ

## ଇସ୍କନକୁ ଗଜପତି ମହାରାଜାଙ୍କ ଚିଠି



**ପୁରୀ, ୧୫।୬:** ଅନ୍ତର୍ଜାତୀୟ କୃଷ୍ଣଚେତନା ସଙ୍ଘ (ଇସ୍କନ)ର ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ପ୍ରସଙ୍ଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଇସ୍କନ ଗଭର୍ଣ୍ଣିଂ ବଡି କମିସନ ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି । ସ୍ନାନଯାତ୍ରା ଓ ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳିବାକୁ ସେ ଏହି ଚିଠିରେ ଉଲ୍ଲେଖ କରିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ସାରା ବିଶ୍ୱରେ ପାଳନ ପାଇଁ ପଦକ୍ଷେପ ନେବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିସନ ଅଧକ୍ଷଙ୍କୁ ପତ୍ର ଲେଖିଛନ୍ତି। ଚିଠିରେ ଗଜପତି ଉଲ୍ଲେଖ କରିଛନ୍ତି ଯେ, ଦେଶ ବାହାରେ ଇସ୍କନ ପକ୍ଷରୁ ସ୍ନାନଯାତ୍ରା ଓ ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ନଥିବା ତିଥିରେ ପାଳନ ହେଉଥିବା ନଜରକୁ ଆସିଅଛି। ଏହା ସଂପୂର୍ଣ୍ଣ ରୂପେ ଶାସ୍ତ୍ର ବିରୋଧୀ କାର୍ଯ୍ୟ। ଅନ୍ୟ ତିଥି କିମ୍ବା ତାରିଖରେ ପାଳନ ପରମ୍ପରାର ଉଲ୍ଲଙ୍ଘନ। ତେଣୁ ଶାସ୍ତ୍ର ସମ୍ମତ ତିଥି ବ୍ୟତୀତ ଅନ୍ୟ ଦିନରେ ଯେପରି ପାଳିତ ନ ହୁଏ ସୁନିଶ୍ଚିତ କରାଯାଉ।

## ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଶିଶୁ ମୃତ୍ୟୁ ଅଭିଯୋଗ

**କଟକ, ୧୫।୬:** ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଶିଶୁ ମୃତ୍ୟୁ ଅଭିଯୋଗ। ଡାକ୍ତରଙ୍କ ନାଁରେ ଥାନାରେ ଏତଲା ଦେଲେ ପରିବାର ଲୋକେ। ଘଟଣା ଘଟିଛି କଟକ ଲାଲାବାଗ ଥାନା ଅଞ୍ଚଳରେ।

### ଡାକ୍ତରଙ୍କ ନାଁରେ ଥାନାରେ ଏତଲା

ସୂଚନା ଅନୁସାରେ, ଢେଙ୍କାନାଳର ସୁଜାତା ନାୟକ ନିଜ ଶିଶୁପୁତ୍ରର ଚିକିତ୍ସା ପାଇଁ କଟକ ଶିଶୁଭବନ ଆସିଥିଲେ। ଯେଉଁଠାରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ପୁଅର ହାର୍ଣ୍ଣିଆ ହୋଇଛି ଏବଂ ଏଥିପାଇଁ ଅପରେସନ କରିବାକୁ ପଡ଼ିବ। ତେବେ ସଂପୃକ୍ତ ଡାକ୍ତର ସୁଜାତାଙ୍କୁ ଶିଶୁଭବନରେ ଅପରେସନର ସୁବିଧା ନଥିବା ଦର୍ଶାଇ ନିକଟରେ ଥିବା ଏକ ଘରୋଇ ନର୍ସିଂହୋମକୁ ପଠାଇଥିଲେ ଏବଂ ସେଠାରେ ଅପରେସନ କରିବା କଥା କହିଥିଲେ।

## ଇରାନ ଉପରେ ଇସ୍ରାଏଲ୍‌ର ଘମାଘୋଟ ଆକ୍ରମଣ

**ନୂଆଦିଲ୍ଲୀ, ୧୫।୬:** ଭୟଙ୍କର ହେଉଛି ଇସ୍ରାଏଲ ଏବଂ ଇରାନ ଯୁଦ୍ଧ। ପରସ୍ପରର ଅଞ୍ଚଳ ଉପରେ ମିଶାଇଲ ଆକ୍ରମଣ କରିଛନ୍ତି। ଇସ୍ରାଏଲ ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଟାର୍ଗେଟ କରିଥିବା ଦାବି କରିଛି। ଇରାନର ଅନେକ ବଡ଼ ତୈଳ ଡିପୋ ଏବଂ ଗ୍ୟାସ ରିଫାଇନାରୀ ଉପରେ ମିଶାଇଲ ମାଡ଼ କରିଛି ଇସ୍ରାଏଲ।

ସକାଳେ ସାଇରନ ଶବ୍ଦରେ ଥରି ଉଠିଥିଲା ଇସ୍ରାଏଲ ଏବଂ ଇରାନର ପ୍ରମୁଖ ସହର। ଜେରୁଜେଲମ ଏବଂ ତେଲ ଅଭିଭ ଭଳି ବଡ଼ ସହରରେ ସାଇରନ ଲଗାତାର ବାଜୁଛି। ଇରାନ ଲଗାତାର ତେଲ ଅଭିଭ ଉପରେ ଆକ୍ରମଣ କରୁଛି। ଇରାନ ଉପରେ ଆକ୍ରମଣକୁ ତୀବ୍ର କରିବାକୁ କହିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ। ଇରାନର ସମସ୍ତ ପରମାଣୁ ୟୁନିଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଲକ୍ଷ୍ୟ ରଖିଛି ଇସ୍ରାଏଲ। ଇରାନରେ ୫ଟି ବଡ଼ ପରମାଣୁ ପ୍ଲାଣ୍ଟ ଅଛି। ଏଥିରେ ଫୋର୍ଡୋ, ଖୋଣ୍ଡାବ, ନାଟାଞ୍ଜ, ଇସଫାହାନ ଏବଂ ବୁଶେହ ରହିଛି। ଇରାନ ସମ୍ପୂର୍ଣ୍ଣ ଯୋଜନା ସହିତ ଇରାନର ମେରୁଦଣ୍ଡ ଉପରେ ଆକ୍ରମଣ କରୁଛି।

ପ୍ରଥମେ ଇରାନର ଅନେକ ପରମାଣୁ ପ୍ଲାଣ୍ଟ ଉପରେ ଆକ୍ରମଣ କରିବା ପରେ, ଏବେ ଇରାନର ତୈଳ ଡିପୋ ଏବଂ ଗ୍ୟାସ ରିଫାଇନାରୀକୁ ଟାର୍ଗେଟ କରୁଛି। ରାଜଧାନୀ ତେହେରାନ ନିକଟରେ ଶାହରାନ ତୈଳ ଡିପୋକୁ ଟାର୍ଗେଟ କରାଯାଇଛି। ପୂର୍ବରୁ, ବୁଶେହର ସହର ନିକଟରେ ଏକ ଗ୍ୟାସ କ୍ଷେତ୍ର ଏବଂ ଆବାଦାନରେ ଏକ ତୈଳ ରିଫାଇନାରୀ ଉପରେ ମଧ ଆକ୍ରମଣ



### ମିଶାଇଲ ମାଡ଼ରେ ଥରିଲା ବିଶ୍ୱର ସର୍ବବୃହତ ଗ୍ୟାସ୍ ଫିଲ୍ଡ

କରାଯାଇଥିଲା। ଇରାନର ଏକ ବନ୍ଦର ଉପରେ ମଧ ଆକ୍ରମଣ ହୋଇଥିବା ରିପୋର୍ଟ ରହିଛି।

ଇରାନର ବୁଶେହରରେ ଥିବା ଫଜର୍ ଗ୍ୟାସ ରିଫାଇନାରୀ ଉପରେ ଇସ୍ରାଏଲ ଆକ୍ରମଣ କରିଛି। ଏହାକୁ ବିଶ୍ୱର ସର୍ବବୃହତ ପ୍ରାକୃତିକ ଗ୍ୟାସ ସଂରକ୍ଷଣ ମଧ୍ୟରେ ଗଣନା କରାଯାଏ। ଏହି ରିଫାଇନାରୀ ପ୍ରତିଦିନ ୧୨୫ ନିୟୁତ ଘନ ମିଟର ଗ୍ୟାସ ପ୍ରକ୍ରିୟାକରଣ କରେ।

ଇସ୍ରାଏଲୀ ଆକ୍ରମଣରେ ପ୍ରାୟ ନଅ ଜଣ ପରମାଣୁ ବୈଜ୍ଞାନିକ ଏବଂ ଅନେକ ଶୀର୍ଷ ଇରାନୀ କମାଣ୍ଡର ସାମିଲ ଅଛନ୍ତି। ଆହତଙ୍କ ସଂଖ୍ୟା ମଧ ୩୦୦ରୁ ଅଧିକ ବୋଲି କୁହାଯାଉଛି। ଇସ୍ରାଏଲର ଆକ୍ରମଣକୁ ଦୃଷ୍ଟିରେ ରଖି ଇରାନ ଅନେକ ରାଜ୍ୟରେ ଏହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ସକ୍ରିୟ କରିଛି।

## ବିଜୟ ରୂପାନୀଙ୍କ ମୃତ ଦେହକୁ ଚିହ୍ନଟ କଲା ଡିଏନଏ ଟେଷ୍ଟ

**ଅହମ୍ମଦାବାଦ, ୧୫।୬:** ଜୁନ୍ ୧୨ରେ ଅହମ୍ମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନରେ ଥିବା ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ମରଶରୀରର ଡିଏନଏ ନମୁନା ତାଙ୍କ ସମ୍ପର୍କୀୟଙ୍କ ସହ ମେଳ ଖାଉଛି ବୋଲି ରବିବାର ଦିନ ଜଣେ ରାଜ୍ୟ ମନ୍ତ୍ରୀ କହିଛନ୍ତି। ଏହି ଭୟଙ୍କର ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୪୧ ଜଣ ଯାତ୍ରୀଙ୍କ ମଧ୍ୟରେ ରୂପାନୀ ମଧ ଥିଲେ। ଗୁଜରାଟର ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସଂଘଭି ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଡିଏନଏ ନମୁନା ଆଜି ସକାଳ ୧୧.୧୦ରେ ତାଙ୍କ ପରିବାର ସଦସ୍ୟଙ୍କ ସହ ମେଳ ଖାଇଥିବା କୁହାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଋଷିକେଶ ପଟେଲ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ରୂପାନୀଙ୍କ ପରିବାର ସଦସ୍ୟଙ୍କୁ ଭେଟି ଡିଏନଏ ମ୍ୟାଚ ବିଷୟରେ ସୂଚନା ଦେଇଛନ୍ତି।

## ପାଦଚଲା ପୋଲ ଭୁଶୁଡ଼ି ୪ ମୃତ

**ପୁଣେ, ୧୫।୬:** ରବିବାର ଅପରାହ୍ନରେ ପୁଣେ ନିକଟରେ ଏକ ନଦୀ ଉପରେ ଏକ ସେତୁ



ଭୁଶୁଡ଼ି ପଡ଼ିବା ପରେ ଅନେକ ପର୍ଯ୍ୟଟକ ବୁଡ଼ି ଯାଇଥିବା ଆଶଙ୍କା କରାଯାଉଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର ଦଳଗୁଡ଼ିକ ପୁଣେର ଦୁର୍ଘଟଣାସ୍ଥଳରେ ସ୍ଥାନରେ ପହଞ୍ଚିଛନ୍ତି ଏବଂ ଉଦ୍ଧାର କାରୀଜୟ ଜାରି ରହିଛି। ସରକାରୀ ଉଦ୍ଧାରକାରୀ ଦଳ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକ ଏବଂ ପୋଲିସ ପ୍ରଥମେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି।

ଏହି ଅଞ୍ଚଳ ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ ଏବଂ ଘଟଣା ସମୟରେ ଜନଗହଳି ଥିଲା। ତେବେ ସେଠାକାର ସ୍ଥାନୀୟ ବାସିନ୍ଦାମାନେ ପୂର୍ବରୁ ସେତୁର ସଂରଚନାତ୍ମକ ସୁରକ୍ଷା ବିଷୟରେ ଚିନ୍ତା ପ୍ରକଟ କରିଥିଲେ, କିନ୍ତୁ ଅନେକ ପର୍ଯ୍ୟଟକ ସମ୍ଭାବ୍ୟ ବିପଦ ବିଷୟରେ ଅବଗତ ନଥଲେ।

## ବଜ୍ରପାତରେ ୨ ମୃତ

**ପଦ୍ମପୁର, ୧୫।୬:** କେନ୍ଦୁଝର ଜିଲ୍ଲା ବାଉଁଶୁଳି ଗ୍ରାମର ଦିଲେଶ୍ୱର ନାଏକଙ୍କ ସ୍ତ୍ରୀ ଶୈଳେନ୍ଦ୍ରୀ ନାଏକ (୫୭) ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ସେ ହରିଚନ୍ଦନପୁର ଆଇସିଡିଏସ୍ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଆଜି ଅପରାହ୍ନରେ ଘର ପଛପଟକୁ ଶୌଚ ହେବାକୁ ଯାଇଥିବା ସମୟରେ ବଜ୍ରାଘାତରେ ଗୁରୁତର ହୋଇଥିଲେ। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୈଳେନ୍ଦ୍ରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିଭଳି ବାଙ୍ଗିରିପୋଷି ନିର୍ଶିନ୍ତା ଗ୍ରାମର ଜଣେ ଯୁବକ ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି ।


## ରାଜ୍ୟର ବିଭିନ୍ନ ସ୍ଥାନରେ ଜଳାଶୟରେ ବୁଡ଼ି ୫ ମୃତ

**ବାରିପଦା/କୋରାପୁଟ/ରାଉରକେଲା, ୧୫।୬:** ରାଜ୍ୟର ବିଭିନ୍ନ ସ୍ଥାନର ଜଳାଶୟରେ ଅଘଟଣ ଓ ଘଟଣା ଘଟି ୫ ଜଣ ଯୁବକ-ଯୁବତୀଙ୍କର ମୃତ୍ୟୁ ଘଟିଛି। ମୟୂରଭଂଜ ଜିଲ୍ଲାରେ ୨ ଜଣ ଯୁବକ, କୋରାପୁଟ ଜିଲ୍ଲାରେ ଦୁଇ ଜଣ ଯୁବକ-ଯୁବତୀ ଓ ରାଉରକେଲାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି।

ମୟୂରଭଞ୍ଜ ଜିଲ୍ଲା ବାରିପଦାର ୨୧ ନମ୍ବର ୱାର୍ଡର ମଧୁବନ ଏବଂ ମୁର୍ଗାବାଡ଼ିରୁ ଅଙ୍କିତ କୁମାର ଭୂଜବଳ (୨୦) ଏବଂ ରଘୁନାଥପୁର ଅଞ୍ଚଳର ଅଂଶୁମାନ ନାଏକ (୨୦) ଅନ୍ୟ ୫ ଜଣ ସାଙ୍ଗଙ୍କ ସହିତ ମିଶି ଆଜି ପୂର୍ବାହ୍ଣରେ ଶିମିଳିପାଳ ବୁଲି ଯାଇଥିଲେ। ସେଠାରେ ସେମାନ ନଦୀରେ ଗାଧେଇବା ସମୟରେ ଅଙ୍କିତ ଓ ଅଂଶୁମାନଙ୍କ ଗୋଡଖସି ଯାଇଥିଲା। ଫଳରେ ସେମାନେ ୨ଜଣ

### ମୃତକଙ୍କ ମଧ୍ୟରେ ୪ ଯୁବକ, ଜଣେ ଯୁବତୀ

ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଭୟ ନିଖୋଜ ହେବାର କିଛି ସମୟ ପରେ ଅଗ୍ନିଶମ ବାହିନୀ ୨ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ଡାକ୍ତରଖାନାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଷ୍ଟମର୍ଟମ



ପାଇଁ ମୃତଦେହ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

ରାଉରକେଲା ଅଧୀନ ତେତେରକେଲା ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛିକ୍ଷ ସାଙ୍ଗ ହୋଇ ଗାଧୋଇବା ବେଳେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ସାଙ୍ଗ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।

ସେହିପରି କୋରାପୁଟ ଜିଲ୍ଲା ଲମତାପୁଟ ଜଲାପୁଟ ଜଳଭଣ୍ଡାରରେ ଏକ ଅଘଟଣ ଘଟିଥିବା କୁହାଯାଉଛି। ଜଲାପୁଟ ଡ୍ୟାମରୁ ୨ ଜଣ ଯୁବକ-ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଏମାନେ ଗତକାଲି ଠାରୁ ନିଖୋଜ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜିବା ପରେ ଅଗ୍ନିଶମ ବାହିନୀ ଦ୍ୱାରା ଦୁହିଁଙ୍କର ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଓ ଯୁବତୀ ପାଡୁଆ ଥାନା ଅନ୍ତର୍ଗତ ବନୁର ଓ ବାଇରପଡ଼ା ଗାଁର ବୋଲି ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ଘଟିଛି ତାହା ଏ ଯାଏ ସ୍ପଷ୍ଟ ହୋଇନି।

## ହାଲୋ ବଲିଉଡ୍



## ପାନ୍ ଇଣ୍ଡିଆ ଫିଲ୍ମର ପ୍ରଥମ ପସନ୍ଦ ଦୀପିକା

ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଅପ୍‌କମିଙ୍ଗ ଫିଲ୍ମ 'ସ୍ପିରିଟ୍'ରୁ ବାହାରିବା ପରଠୁ ଚର୍ଚ୍ଚାରେ ରହିଛନ୍ତି ଦୀପିକା ପାଦୁକୋନ । ଭାଙ୍ଗାଙ୍କ 'ସ୍ପିରିଟ୍' ଅନ୍ୟତମ ସବୁଠୁ ବଡ଼ ପାନ୍ ଇଣ୍ଡିଆ ପ୍ରୋଜେକ୍ଟ, ଯାହାକୁ ଦର୍ଶକ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଫିଲ୍ମରେ ହିରୋ ଭୂମିକାରେ ଅଛନ୍ତି ପ୍ରଭାସ । ଏଥିରେ ଅନେକ ଅନ୍ତର୍ଜାତୀୟ କଳାକାରଙ୍କ କାଷ୍ଟିଂକୁ ନେଇ ଚର୍ଚ୍ଚା ମଧ୍ୟ ହେଉଛି । ଏହି ସ୍ଥିତିରେ ଦୀପିକା ହଠାତ୍ ଏହି ଫିଲ୍ମରୁ ବାହାରିବା ଚର୍ଚ୍ଚାର ବିଷୟ ହେଲା । କିନ୍ତୁ ଦୀପିକା ଏହାକୁ ନେଇ କୌଣସି ପ୍ରତିକ୍ରିୟା ଦେଲେ ନାହିଁ। ଏହାରି ମଧ୍ୟରେ ଦୀପିକାଙ୍କ ନୂଆ ପ୍ରୋଜେକ୍ଟ ଘୋଷଣା ହୋଇଛି । ଏହାକୁ ଦେଶର ଅନ୍ୟତମ ସବୁଠୁ ବଡ଼ ଫିଲ୍ମ ବୋଲି କୁହାଯାଉଛି । ଏହା ଦୀପିକାଙ୍କ ଷ୍ଟାର୍‌ଡମ୍‌ର ପ୍ରଭାବ । ତାଙ୍କ ପାଖରେ ଏବେ ଏକାଧିକ ପ୍ରୋଜେକ୍ଟ ରହିଛି । ଶାହରୁଖ୍‌ଙ୍କ ଅପ୍‌କମିଙ୍ଗ ଫିଲ୍ମ 'କିଙ୍ଗ୍'ରେ ସେ ନଜର ଆସିବେ । ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଯାଉଥିବା ଏହି ଫିଲ୍ମରେ ଶାହରୁଖ୍‌ଙ୍କ ସହ ଝିଅ ସୁହାନା ବି ନଜର ଆସିବେ। ଏହା ଏକ ବିଗ୍ ବଜେଟ୍ ଆକ୍ସନ୍-ଏଣ୍ଟରଟେନର୍ ହେବ । ଅଭିଷେକ ବଚ୍ଚନ, ଅରଶଦ ଓ୍ୱାରସୀ, ଅନିଲ କପୁର, ଜ୍ୟାକି ଶ୍ରଫ୍, ଜୟଦୀପ ଅହଲାଓ୍ୱତ ଓ ରାନୀ ମୁଖାର୍ଜୀ ଏଥିରେ ନଜର ଆସିବେ । 'କଲ୍‌କି ୨୮୯୮ ଏଡି'ର ସିକ୍ୱେଲରେ ଦୀପିକା ସ୍କ୍ରିନ୍ ସେୟାର କରିବେ । ଏହା ବି ମୂଳ ଫିଲ୍ମ ଭଳି ବଡ଼ ବଜେଟ୍‌ର ପାନ୍-ଇଣ୍ଡିଆ ପ୍ରୋଜେକ୍ଟ । ରଣବୀର କପୁରଙ୍କ 'ବ୍ରହ୍ମାସ୍ତ୍ର' ବଲିଉଡ୍‌ର ସୁପରହିରୋ ଫିଲ୍ମ ଥିଲା, ଯେଉଁଥିରେ ଅମୃତା ଚରିତ୍ରରେ ଦୀପିକାଙ୍କ ଝଲକ୍ ଦେଖିବାକୁ ମିଳିଥିଲା । ସିକ୍ୱେଲର କାହାଣୀ ଅମୃତା ଓ ଦେବର ଚରିତ୍ର ଉପରେ ଫୋକସ୍ କରିବ ବୋଲି ଜଣାପଡ଼ିଛି ।

# ବିଷ ଜ୍ୱାଳାରେ ଆଖି ବୁଜିଲେ ୩ ପିଲା

## ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ବାପା-ମାଆ

**କାଙ୍କେର:** ସ୍ୱାମୀ-ସ୍ତ୍ରୀ ବିଷ ପିଇଲେ । ୩ ପିଲାଙ୍କୁ ବି ଖାଇବାରେ ମିଶାଇ ଦେଇଦେଲେ । ବିଷ ଜ୍ୱାଳାରେ ୩ ଶିଶୁଙ୍କ ଜୀବନ ଚାଲିଗଲା । ଏବେ ହସ୍‌ପିଟାଲରେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି

**ଘରର ଆର୍ଥିକ ସ୍ଥିତି ଖରାପ ଯୋଗୁ ସେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି ।**

ଦଂପତି । ଛତିଶଗଡ କାଙ୍କେର ଜିଲ୍ଲା ପରତାପୁର ଥାନା ଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଶାନ୍ତିନଗର ସ୍ଥିତ ପିଭି-୭୦ ଗାଁରୁ ଆସିଛି ମନକୁ ଆନ୍ଦୋଳିତ କଲା ପରି ଖବର । ପିଭି-୭୦ ଗାଁର ରମେଶ ବୈରାଗୀ । ପତ୍ନୀ ଓ ୩ ପିଲାଙ୍କୁ ନେଇ ତାଙ୍କ ସଂସାର । ତେବେ ରମେଶ କାହିଁକି ଏପରି ଚରମ ନିଷ୍ପତ୍ତି



ନେଲେ ତାହା ସ୍ପଷ୍ଟ ହୋଇନି । ଘରର ଆର୍ଥିକ ସ୍ଥିତି ଖରାପ ଯୋଗୁ ସେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି ।

ତେବେ ତଥ୍ୟ ମୁତାବକ ରମେଶଙ୍କ ଆର୍ଥିକ ସ୍ଥିତି ଭଲ ନଥିଲା । ଧାର କରଜରେ ବୁଡିଯାଇଥିଲେ ସେ । ଯାହାକୁ ନେଇ ସବୁବେଳେ ପତ୍ନୀଙ୍କ ସହ ଝଗଡା ଲାଗି ରହୁଥିଲା । ଶୁକ୍ରବାର ରାତିରେ ମଧ୍ୟ ସେହି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିବା କହିଛନ୍ତି ପଡୋଶୀ । ତେବେ ସକାଳୁ ରମେଶଙ୍କ ଘର କବାଟ ଖୋଲି ନଥିବା ଦେଖି ପାଖ ପଡୋଶୀଙ୍କ ସନ୍ଦେହ ହୋଇଥିଲା । ଘର ଭିତରେ ପଶି ଯାହା ଦେଖିଲେ କାହା ମୁଣ୍ଡ କାମ କରିନଥିଲା । ୩ଶିଶୁ ସବୁଦିନ ପାଇଁ ଶୋଇ ଯାଇଥିବାବେଳେ ରମେଶ ଓ ପତ୍ନୀ ଛଟପଟ ହେଉଥିଲେ । ଘର ଭିତରେ ରାତିର ଖାଇବା ଓ ଥାଳି ଏଣେତେଣେ ପଡିଥିଲା । ସ୍ଥାନୀୟ ଲୋକେ ପୋଲିସକୁ ସଙ୍ଗେ ସଙ୍ଗେ ଖବର ଦେଇଥିଲେ । ଗୁରୁତର ଅବସ୍ଥାରେ ସେମାନଙ୍କୁ ସ୍ଥାନୀୟ ପାଖାଞ୍ଜର ସ୍ଥିତ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଅବସ୍ଥା ଗୁରୁତର ଥିବା କହିଛନ୍ତି ଡାକ୍ତର । ତେବେ ଆତ୍ମହତ୍ୟା ଉଦ୍ୟମ ପଛରେ ଆର୍ଥିକ ସମସ୍ୟା ନା ଆଉ କିଛି କାରଣ ରହିଛି ତାର ଛାନଭିନ ଚଳାଇଛି ପୋଲିସ ।

## ପାଟଣାଗଡ଼ରୁ ଆବୁଧାବି ଓ ଲଣ୍ଡନକୁ ଗଲା ଆମ୍ବ

**ବଲାଙ୍ଗିର:** ପାଟଣାଗଡ଼ରୁ ଆବୁଧାବି ଓ ଲଣ୍ଡନକୁ ଗଲା ଆମ୍ବ । ଏଭଳି ଏକ ଉତ୍ସାହପ୍ରଦ ଖବର ଆସିଛି । ପାଟଣାଗଡ଼ରୁ ସିଧା ବିଦେଶକୁ ପହଂଚିଛି ପାଟଣାଗଡ଼ ମାଟିରେ ଫଳିଥିବା ଆମ୍ବ । ପାଟଣାଗଡ଼ର ଚିନ୍ତାମଣି ରାଉତ, ବ୍ୟାସ ପୁରୋହିତ, ପ୍ରଦୀପ ପୁରୋହିତଙ୍କ ଆମ୍ବ ରପ୍ତାନୀ ହୋଇଥିବା ସୂଚନାରେ କୁହାଯାଇଛି । ମୁଖ୍ୟତଃ ପାଟଣାଗଡ଼ ମାଟିରେ ଫଳୁଥିବା ଆମ୍ରପଲ୍ଲୀ କିସମ ଆମ୍ବ କିମିଆ କରିଛି । ବିଦେଶରେ ବି ଏହାର ଚାହିଦା ବେଶ୍ ଉତ୍ସାହପ୍ରଦ ରହିଛି । ଉଦ୍ୟାନ କୃଷି, ଆପେଡା, ପାଲାଡ଼ିଅମ ଓ ନାବାର୍ଡ ସହାୟତାରେ ପ୍ରଗତି ଫାର୍ମର ପ୍ରଡ୍ୟୁସର କମ୍ପାନୀ ଜରିଆରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂହଦେଓଙ୍କ ଉଦ୍ୟମରେ ପାଟଣାଗଡ଼ରୁ ଆବୁଧାବି ଓ ଲଣ୍ଡନକୁ ଆମ୍ବ ରପ୍ତାନୀ ହୋଇଥିବା କୁହାଯାଇଛି।

**ନାଇଜେରିଆରେ ଗଣହତ୍ୟା**

# ବନ୍ଦ ଘରେ ୧୦୦ ଜଣଙ୍କୁ ମାରିଲେ ଗୁଳି

**ନୂଆଦିଲ୍ଲୀ:** ନାଇଜେରିଆରେ ବନ୍ଧୁକଧାରୀଙ୍କ ତାଣ୍ଡବ । ଗଣହତ୍ୟା କଲେ ଆତତାୟୀ । ସାଧାରଣ ଲୋକଙ୍କ ଉପରେ ଚଳାଇଲେ ଗୁଳି । ଏପିରିକି ଏକ ବନ୍ଦ

**ହତ୍ୟା ପରେ ଲଗାଇଲେ ନିଆଁ**

କୋଠରୀରେ ଲୋକଙ୍କୁ ଜିଅନ୍ତା ଜାଳିଦେଇଛନ୍ତି । ଯେଉଁଥିରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଅଧିକାଂଶ ଚାଷୀ ଥିବା ସୂଚନା ମିଳିଛି । ଏହି ବର୍ବରତାର ଘଟଣା ପରେ ଅନେକ ଲୋକ ନିଖୋଜ ଥିବା ଖବର ମିଳିଛି ।

ଖବର ଅନୁଯାୟୀ, ନାଇଜେରିଆର ମଧ୍ୟ ବେନ୍ୟୁ ରାଜ୍ୟ ୟେଲେଟା ଗାଁରେ ଘଟିଛି ଅଭାବନୀୟ ଘଟଣା । ବନ୍ଧୁକଧାରୀମାନେ ସବୁ ସୀମା ପାର୍ କରିଦେଇଛନ୍ତି । ବନ୍ଧୁକଧାରୀମାନେ ବନ୍ଦ କୋଠରୀରେ



ଲୋକଙ୍କ ଜିଅନ୍ତା ଜାଳି ଦେଇଛନ୍ତି । ଅତିକମ୍‌ରେ ୧୦୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେହିପରି ଅନେକ ଲୋକ ବର୍ତ୍ତମାନ ଯାଏଁ ନିଖୋଜ ଅଛନ୍ତି ।

ବେନ୍ୟୁ ରାଜ୍ୟରେ ଅନେକ ସମୟରେ ଏପରି ରକ୍ତପାତ ହେଉଛି । ଏହାକୁ ତୁରନ୍ତ ରୋକିବାକୁ ଏବଂ ଅପରାଧୀଙ୍କୁ କାଠଗଡ଼ାକୁ ଅଣାଯିବା ଦରକାର ବୋଲି ନାଇଜେରିଆ ଅଧିକାରୀ କହିଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରୁ ଶନିବାର ସକାଳ ଯାଏ ୟେଲେବାଟାରେ ଆକ୍ରମଣ କରିଥିବା ବନ୍ଧୁକଧାରୀଙ୍କ ଦ୍ୱାରା ଅତିକମ୍‌ରେ ୧୦୦ରୁ ଅଧିକ ଲୋକଙ୍କୁ ହତ୍ୟା କରାଯାଇଛି । ଅନେକ ପରିବାରକୁ ଘରେ ବନ୍ଦ କରି ଜିଅନ୍ତା ଜାଳି ଦିଆଯାଇଛି ।

# ପ୍ରବାସୀଙ୍କ ଚାଲିଯିବ ଚାକିରୀ, ବଢ଼ିବ ତୈଳ ଦର

**ନୂଆଦିଲ୍ଲୀ:** ଇରାନର ନ୍ୟୁକ୍ଲିଅର ସାଇଟରେ ଇସ୍ରାଏଲ ପକ୍ଷରୁ ହଠାତ ଆକ୍ରମଣ କରାଯାଇଛି। ଏହି କାରଣରୁ ସାରା ଦୁନିଆ ପ୍ରଭାବିତ ହେବାକୁ ଯାଉଛ। ଇସ୍ରାଏଲ ଆକ୍ରମଣ କାରଣରୁ ପଶ୍ଚିମ ଏସିଆ (ମିଡିଲ ଇଷ୍ଟ)ରେ ସ୍ଥିତି ବିବାଦୀୟ ହୋଇଛି। ଏହି ଦୁଇ ଦେଶ ଭିତରେ ସଂଘର୍ଷ କାରଣରୁ ଅଶୋଧିତ ତୈଳ ଦର ବୃଦ୍ଧି ହୋଇଛି। ସେଭଳି ଇସ୍ରାଏଲ-ଇରାନ ଯୁଦ୍ଧର ଭାରତ ଉପରେ ଖୁବ୍ ପ୍ରଭାବ ଦେଖିବାକୁ ମିଳିପାରେ।

ଇସ୍ରାଏଲ-ଇରାନ ଯୁଦ୍ଧର ପ୍ରଭାବ ଭାରତର ଅଶୋଧିତ ତୈଳ ଦଳର ଯୋଗାଣ ଓ ଆର୍ଥିକ ବିକାଶ ଉପରେ ପ୍ରଭାବ ପକାଇବ। ଏହି ସଂଘର୍ଷ ଆଞ୍ଚଳିକ ଶାନ୍ତି, ସ୍ଥିରତା, ଆର୍ଥିକ ବୃଦ୍ଧି ଓ ବିକାଶ ପାଇଁ ଶୁଭ ସଙ୍କେତ ନୁହେଁ। ଯଦି ନିକଟ ଭବିଷ୍ୟତରେ ପ୍ରଭାବ ବିଷୟରେ ଯଦି କଥା ହେବା ତେବେ ସଂଘର୍ଷକୁ ସର୍ଟ ଟର୍ମରେ ଅର୍ଥବ୍ୟବସ୍ଥା ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡିବନି। ତେବେ ଯଦି ଯୁଦ୍ଧ ଅଧିକ ଦିନ ଚାଲେ ତେବେ ସମସ୍ୟା ହୋଇପାରେ।

ଯଦି ଇରାନ ଓ ଇସ୍ରାଏଲ ଭିତରେ ଏହି ଯୁଦ୍ଧ ଜାରି ରହେ ତେବେ ବିଶ୍ୱ ଅର୍ଥବ୍ୟବସ୍ଥାରେ ମାନ୍ଦାବସ୍ଥାର ଭାରତ ଉପରେ ପ୍ରଭାବ ପକାଇବ। ଏହାଦ୍ୱାରା ଭାରତର ଆମଦାନୀ ଉପରେ ମଧ୍ୟ ପ୍ରଭାବ ପଡିପାରେ। ଏହି କାରଣରୁ ଅଶୋଧିତ



**ଇରାନ-ଇସ୍ରାଏଲ ଯୁଦ୍ଧର ପ୍ରଭାବ ପଡ଼ିବ ଭାରତ ଉପରେ**

ତୈଳ ଦର ଦ୍ରୁତ ଗତିରେ ବଢ଼ିବାର ଦେଖିବାକୁ ମିଳିପାରେ। ଭାରତର ତୈଳ ଆମଦାନୀ ବିଲ୍ ୨୦୨୪-୨୫ ରେ ୨୦.୬ ଲକ୍ଷ କୋଟି ଟଙ୍କା ଥିଲା। କିନ୍ତୁ ଯୁଦ୍ଧର ଲମ୍ବା ସମୟ ପର୍ଯ୍ୟନ୍ତ ଚାଲିଲେ ଏହା ବଢ଼ିବ ଓ ଭାରତର ଖର୍ଚ୍ଚ ବଢ଼ିବ।

ଇରାନ-ଇସ୍ରାଏଲ ଯୁଦ୍ଧ ଯୋଗୁଁ ତୈଳ ଦର ବୃଦ୍ଧି ହେବାମାତ୍ରେ ଭାରତୀୟ କରେନ୍ସି ହ୍ରାସ ପାଇବ ଏବଂ ଆମେରିକୀୟ ଡଲାରର ଚାହିଦା ବଢ଼ିଯିବ। ସୃଷ୍ଟି ହୋଇଥିବା ଅଶାନ୍ତି ଉପସାଗରୀୟ ଅଞ୍ଚଳରେ ରହୁଥିବା ଭାରତୀୟ ପ୍ରବାସୀମାନଙ୍କ ସୁରକ୍ଷାକୁ ପ୍ରଭାବିତ କରିବ। ସେଠାରେ ୯୦ ଲକ୍ଷରୁ ଅଧିକ ଭାରତୀୟ ପ୍ରବାସୀ ରହୁଛନ୍ତି। ସେଭଳି ୨୦୨୪ ରେ ବିଦେଶରେ ରହୁଥିବା ଭାରତୀୟମାନେ ପ୍ରାୟ ୧୦.୭ ଲକ୍ଷ କୋଟି ଟଙ୍କା ଭାରତକୁ ପଠାଇଥିଲେ। ଭାରତୀୟମାନେ ପଠାଉଥିବା ମୋଟ ଟଙ୍କା ମଧ୍ୟରୁ ଏକ ତୃତୀୟାଂଶ, ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କା, ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆସିଥାଏ। ମଧ୍ୟପ୍ରାଚ୍ୟରେ ସଂଘର୍ଷ ଏହାର ଉପରେ ନକାରାତ୍ମକ ପ୍ରଭାବ ପକାଇବ ।

# ୭ ଦିନ ପୂର୍ବରୁ ଲଣ୍ଡନ ଯିବାର ପ୍ଲାନ୍ କରିଥିଲେ ରୂପାନୀ

**ନୂଆଦିଲ୍ଲୀ:** ଗୁଜରାଟର ଦୁଇଥରର ମୁଖ୍ୟମନ୍ତ୍ରୀ ରହିସାରିଥିବା ବିଜୟ ରୂପାନୀଙ୍କ ଗୁରୁବାର ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପରଲୋକ ହୋଇଛି। ସେ ନିଜ ଝିଅଙ୍କୁ ଭେଟିବାକୁ ଲଣ୍ଡନ ଯାଉଥିଲେ। କୁହାଯାଉଛି ଯେ, ତାଙ୍କର ପ୍ଲାନ ଗୋଟେ ସପ୍ତାହ ପୂର୍ବରୁ ଲଣ୍ଡନ ଯିବାର ଥିଲା, କିନ୍ତୁ ନିର୍ବାଚନ ପ୍ରଚାର କାରଣରୁ ସେ ଅଳ୍ପ ଦିନ ପାଇଁ ଏହାକୁ ଘୁଞ୍ଚାଇ ଦେଇଥିଲେ।

ମିଳିଥିବା ସୂଚନା ଅନୁସାରେ, ରୂପାନୀ ପୂର୍ବରୁ ୫ ଜୁନ୍‌ରେ ଲଣ୍ଡନ ଯାଉଥିଲେ। ତାଙ୍କ ସହ ତାଙ୍କ ପତ୍ନୀ ମଧ୍ୟ ଯାଉଥିଲେ। କିନ୍ତୁ ରୂପାନୀ ପଞ୍ଜାବର ପ୍ରଭାବୀ ଅଛନ୍ତି, ତେଣୁ ଲୁଧିୟାନା ପଶ୍ଚିମରୁ ଉପ-ନିର୍ବାଚନ ପାଇଁ ପ୍ରଚାର ଅଭିଯାନ କାରଣରୁ ନିଜର ଗ୍ରସ୍ତକୁ



ଘୁଞ୍ଚାଇ ଦେଇଥିଲେ। ଇଣ୍ଡିଆନ ଏକ୍ସପ୍ରେସ୍‌ର ରିପୋର୍ଟ ଅନୁସାରେ, ରାଜ୍ୟ ପାର୍ଟି ମୁଖ୍ୟ ସୁନିଲ ଜାଖଡ କହିଛନ୍ତି, ୫ ଜୁନ୍‌ରେ ରୂପାନୀଙ୍କ ପତ୍ନୀ ଲଣ୍ଡନ ଚାଲିଯାଇଥିଲେ, କିନ୍ତୁ ସେ ରହିଯାଇଥିଲେ। ପୁଣିଥରେ ୧୨ ଜୁନ୍‌କୁ ତାରିଖ ଧାର୍ଯ୍ୟ କରିଥିଲେ, କିନ୍ତୁ ତାଙ୍କର ସେହି ଯାତ୍ରା କେବେ ପୂରଣ ହୋଇପାରିଲାନି।

୧୨ ଜୁନ୍‌ରେ ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ବିମାନ ଟେକଅଫ୍‌ର ମାତ୍ର କିଛି ମିନିଟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରୂପାନୀ ଏହି ଫ୍ଲାଇଟ୍‌ରେ ଥିଲେ, ଯେଉଁଥିରେ ଅନ୍ୟ ଯାତ୍ରୀଙ୍କ ସହ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ବିମାନରେ ସେତେବେଳେ କ୍ରୁ ମେମ୍ବରଙ୍କ ସହ ମୋଟ ୨୪୨ ଆରୋହୀନ ଥିଲେ। ତେବେ ନିକଟରେ ଥିବା ମେଡିକାଲ କଲେଜ ହଷ୍ଟେଲ ଓ ଆବାସିକ ଅଞ୍ଚଳରେ ଦୁର୍ଘଟଣା ପରେ ବିମାନ ଖସି ପଡିଥିଲା। ଏଥିରେ ଯାତ୍ରୀଙ୍କ ବ୍ୟତୀତ ବାହାର ଲୋକଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୭୪ ଜଣଙ୍କର ମୃତ୍ୟୁ ହୋଇସାରିଲାଣି।


**ପୁଲିସ ବିଭାଗକୁ ସରକାରଙ୍କ ନିର୍ଦ୍ଦେଶ**

# ଉର୍ଦ୍ଦୁ ଓ ପାର୍ସୀକୁ ବଦଳାଇ ହିନ୍ଦୀ ଓ ଇଂରାଜୀରେ ଲେଖ

**ନୂଆଦିଲ୍ଲୀ:** ଉର୍ଦ୍ଦୁ ଓ ପାର୍ସୀ ବଦଳରେ ହିନ୍ଦୀ ଓ ଇଂରାଜୀ ବ୍ୟବହାର କର। ରାଜସ୍ଥାନ ପୁଲିସକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ରାଜସ୍ଥାନ ସରକାର। ଶନିବାର ରାଜସ୍ଥାନର ରାଜ୍ୟମନ୍ତ୍ରୀ ଜବାହାର ସିଂହ ବେଧାମ ରାଜ୍ୟ ପୋଲିସ ବିଭାଗକୁ ସରକାରୀ ନଥିପତ୍ରରେ ଉର୍ଦ୍ଦୁ ଏବଂ ପାରସୀ ଶବ୍ଦକୁ ହିନ୍ଦୀ କିମ୍ବା ଇଂରାଜୀ ବିକଳ୍ପ ସହିତ ବଦଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ମନ୍ତ୍ରୀ ଏହି ଚିଠି ଲେଖିଛନ୍ତି। ଯେଉଁଥିରେ ସରକାରୀ ପୋଲିସ ଡକ୍ୟୁମେଣ୍ଟ, ରିପୋର୍ଟ, ନୋଟିସ ବୋର୍ଡରେ ହିନ୍ଦୀ ଶବ୍ଦ ସହିତ ବ୍ୟବହୃତ ହୋଇଥିବା ଉର୍ଦ୍ଦୁ ଏବଂ ପାରସୀ ଶବ୍ଦଗୁଡ଼ିକର ସମୀକ୍ଷା କରିବ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ ମୋଗଲ ଯୁଗରୁ ପୋଲିସ କାର୍ଯ୍ୟରେ ଉର୍ଦ୍ଦୁ ଏବଂ ପାର୍ସି ଶବ୍ଦର ଐତିହାସିକ ବ୍ୟବହାର ସତ୍ତ୍ୱେ, ବର୍ତ୍ତମାନର ପୋଲିସ କର୍ମଚାରୀ ଏବଂ ସାଧାରଣ ଜନତା ଏହି ଭାଷାଗୁଡ଼ିକ ସହିତ ପରିଚିତ ନାହାଁନ୍ତି। ପୋଲିସ କର୍ମଚାରୀ, ଅଭିଯୋଗକାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଉର୍ଦ୍ଦୁ/ଫାର୍ସୀ ଜ୍ଞାନର ଅଭାବ ହେତୁ, ଏହି ଶବ୍ଦଗୁଡ଼ିକୁ ପ୍ରାୟତଃ ଭୁଲ ବୁଝି କିମ୍ବା ଭୁଲ ବ୍ୟାଖ୍ୟା କରାଯାଉଛି। ଯାହା ଫଳରେ ନ୍ୟାୟରେ ବିଳମ୍ବ ହୁଏ। ତେଣୁ ଏହାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି ଚିଠିରେ କୁହାଯାଇଛି।

ଏଥିରେ ଆହୁରି କୁହାଯାଇଛି ଯେ ଭାରତରେ ସମସ୍ତ ଭାଷାକୁ ସମ୍ମାନ ଦିଆଯାଉଥିବା ବେଳେ, ପ୍ରଶାସନିକ ଭାଷାରେ ହିନ୍ଦୀକୁ ପ୍ରାଥମିକତା ଦେବା ଦ୍ୱାରା



ଆଇନଗତ ଦଲିଲ, ସରକାରୀ ନିର୍ଦ୍ଦେଶ ଏବଂ ପୋଲିସ ରେକର୍ଡ ପାଇଁ ସୁଗମତା ବୃଦ୍ଧି ପାଇବ। କାରଣ ରାଜସ୍ଥାନ ମୁଖ୍ୟତଃ ଏକ ହିନ୍ଦୀ ଭାଷାଭାଷୀ ରାଜ୍ୟ।

ଚିଠିରେ ଲେଖାଯାଇଛି 'ଉର୍ଦ୍ଦୁ/ପାର୍ସୀ ଶବ୍ଦକୁ ହିନ୍ଦୀ ଶବ୍ଦରେ ଲେଖିଲେ ନାଗରିକମାନେ ସରକାରୀ ନୋଟିସ୍, ନିର୍ଦ୍ଦେଶନାମା ଏବଂ ଯୋଜନାଗୁଡ଼ିକୁ ବୁଝିବା ସହଜ ହେବ। ଏହା ପୋଲିସ ପ୍ରଶାସନ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ସ୍ଥାପନ କରିବାରେ ସାହାଯ୍ୟ କରିବ। ପୋଲିସ୍ ବିଭାଗକୁ ଏପରି ଶବ୍ଦର ବଦଳାଯିବା ପାଇଁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ କୁହାଯାଇଛି, ଯାହା ପରେ ଉପଯୁକ୍ତ ପ୍ରଶାସନିକ ସ୍ତରରେ ସମୀକ୍ଷା ଏବଂ କାର୍ଯ୍ୟକାରୀ କରାଯିବ ।

## ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ

**ସୁବର୍ଣ୍ଣପୁର:** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେମିନାର ହଲ ସୁବର୍ଣ୍ଣପୁର ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ-୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବର୍ଣ୍ଣପୁର ଡ଼ା. ପ୍ରଦୀପ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ା. ଦୁର୍ଗା ଦତ ଦାସ ଓ ଅଧୀକ୍ଷକ ସରକାରୀ ମହିଳା ସ୍ୱାସ୍ଥ୍ୟ୭କର୍ମୀ ତାଲିମ କେନ୍ଦ୍ର ସୋନପୁର ସ୍ଥିତ ।ଶ୍ରୀ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରକ୍ତଦାନ କରିବା, ନୂଆଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣ ରକ୍ଷା କରିବା ଉପରେ ବିଷଦ ଭାବରେ ଆଲୋଚନା କରି ଆମେ ସମସ୍ତେ ସନ୍ତୁଳିତ ଖାଦ୍ୟ, ଉତମ ଜୀବନ ଶୈଳୀ, ନିଶାଯୁକ୍ତ ଖାଦ୍ୟରୁ ବିରତ ହୋଇ ଶାରୀରିକ ପରିଶ୍ରମ କରିବା, ଧୂମପାନରୁ ସମ୍ପୂର୍ଣ୍ଣ ମାତ୍ରାରେ ମୁକ୍ତ ରହିବା, ଯୋଗ ଓ ଧ୍ୟାନ ଅଭ୍ୟାସ କରିବା ଉପରେ ସମସ୍ତଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ଓ ସୁସ୍ଥ ସୁନ୍ଦର ସମାଜ ଗଠନ ସମ୍ଭବ ହୋଇପାରିବା ଉପରେ ବୁଝାଇ ଥିଲେ । ଆଜିର ଦିବସ ଅବସରରେ ୧୫ ଜଣ ବ୍ୟକ୍ତି ବିଶେଷ ରକ୍ତ ଦାନ କରିଛନ୍ତି ।

ଉକ୍ତ ସଭାରେ ବିଭିନ୍ନ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ କର୍ମକର୍ତ୍ତା ବୃନ୍ଦ, ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ର ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଜଗତ ଦରଓ୍ୱାନ ସହଯୋଗ କରିଥିଲେ। ଉକ୍ତ ସଭାରେ ଜୀବନ ଯାକ ମଧ୍ୟରେ ୫୨ ଥର ରକ୍ତଦାନ କରି ନୂତନ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇ ଥିବା ପୋଲିସ ହାବିଲଦାର ମନୋଜ ପଣ୍ଡା, ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବୁଢା ରଜା ୟୁଥ ଆସୋସିଏସନ ର ଶିବ ଶଙ୍କର ନାଏକ, ବରିଷ୍ଠ ସାମ୍ବାଦିକ ତଥା ସ୍ୱଚ୍ଛଭାରତ ସଂଗଠନର କୋଡ଼ିନେଟର ମନୋରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ନୂତନ ରକ୍ତଦାତାଙ୍କୁ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ ।

## ରାଶିଫଳ

**ମେଷ :** ସପ୍ତମ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ବସନଭୂଷଣ ଓ ଘରୋଇ ଉପକରଣ କ୍ରୟ କରିବେ । ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

**ବୃଷ:** ଘାତବାର ଏବଂ ଷଷ୍ଠ ଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ରୋଗ, ଋଣ, ଦୁଃଖ, ଶୋକ, କ୍ଲେଶ ଓ ଅବସାଦରୁ ମୁକ୍ତି ମିଳିବ ଏବଂ ଆପଣଙ୍କ ବକ୍ତବ୍ୟରେ ସମ୍ମୋହନର ଶକ୍ତି ରହିବ । ପରୋପକାର, ସମାଜସେବା ଓ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ ।

**ମିଥୁନ:** ପଞ୍ଚମ ଚନ୍ଦ୍ର ଯୋଗୁ ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ । ସନ୍ତାନ ମାନେ ଆଜ୍ଞାଧୀନ ହେବେ ଏବଂ ପିତାମାତାଙ୍କ କୃପାଲାଭ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

**କର୍କଟ:** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର, ସ୍ୱଜନରେ ବିବାଦ, ପଡ଼ୋଶୀଙ୍କ ସହ ତିକ୍ତତା, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି । ମନ ଅସ୍ଥିର, ବିଷାଦଗ୍ରସ୍ତ ରହିବ ଏବଂ ଶାରୀରିକ ପୀଡ଼ା ଭୋଗିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖା ଦେବ ଏବଂ ଆର୍ଥିକ ସ୍ଥିତି ପ୍ରଭାବିତ ହେବ ।

**ସିଂହ:** ତୃତୀୟ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି, ସ୍ୱଜନ, ପରିଜନଙ୍କ ସହ ସୁସମ୍ପର୍କ ଏବଂ ଭାଇ , ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ ।

**କନ୍ୟା:** ଦ୍ୱିତୀୟ ଚନ୍ଦ୍ର ଯୋଗୁ ଆକସ୍ମିକ ଧନ ଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ । ଧନ, ସମ୍ପଦ ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ଥିତି ସୁଧାର ଆସିବ । ଖର୍ଚ୍ଚ ଅପେକ୍ଷା ସଞ୍ଚୟରେ ଅଧିକ ଆଗ୍ରହ ରହିବ ।

**ତୁଳା:** ଶ୍ରୀଚନ୍ଦ୍ର ଯୋଗୁ ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ମାର୍ଜିତ ଓ ସର୍ବଜନ ଆଦୃତ ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଯାହା ହେଲେ ମଧ୍ୟ ମନରେ ଆତ୍ମସନ୍ତୋଷ ଓ ଆତ୍ମତୃପ୍ତି ରହିବ ।

**ବିଛା :** ଦ୍ୱାଦଶ ଚନ୍ଦ୍ର ଯୋଗୁ ଆୟ ପାଞ୍ଚ ଟଙ୍କା ହେଲେ ବ୍ୟୟ ପଚିଶ ଟଙ୍କା ହେବ ଏବଂ ଆର୍ଥିକ ସ୍ଥିତି ପ୍ରଭାବିତ ହେବ । ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହଭାବ ପ୍ରକାଶ ପାଇବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ଅଧିକ ହେବ ।

**ଧନୁ :** ଏକାଦଶ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ସମସ୍ତ ଆଶା, ଆକାଂକ୍ଷା, ଅଭିଳାଷ ପୂର୍ଣ୍ଣ ହେବ ଏବଂ ସମସ୍ତ ଇପ୍‌ସିତ ପଦାର୍ଥ ହାତ ପାଆନ୍ତାରେ ଉପଲବ୍ଧ ହେବ । ଉନ୍ନତି ମୂଳକ କର୍ମରେ ଧ୍ୟାନ ଅଧିକ ରହିବ ଏବଂ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସମର୍ଥ ହେବେ ।

**ମକର :** ଦଶମ ଚନ୍ଦ୍ର ଯୋଗୁ ନୂତନ କର୍ମାରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତି ମିଳିପାରେ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଦେହ,ମନ ସୁସ୍ଥ ରହିବ । ମନରେ ସତ୍‌ଚିନ୍ତା, ସତ୍‌ଭାବନା ପ୍ରକାଶ ପାଇବ ଏବଂ ସତ୍‌କର୍ମରେ ଅଧିକ ଆଗ୍ରହ ରହିବ ।

**କୁମ୍ଭ :** ଶୁକ୍ଳପକ୍ଷର ନବମ ଚନ୍ଦ୍ର ଯୋଗୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତି ମୂଳକ କର୍ମରେ ଧ୍ୟାନ ଅଧିକରହିବ ।

**ମୀନ :** ଅଷ୍ଟମଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନରେ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ ଏବଂ ଶାରୀରିକ ପୀଡ଼ା ଭୋଗିବେ । ମନ ଅସ୍ଥିର, ବିଷାଦଗ୍ରସ୍ତ ରହିବ ଏବଂ ଚାଲିଚଳନ, ବ୍ୟବହାର ବିବାଦୀୟ ହେବ । ବାଣିଜ୍ୟ, ବ୍ୟବସାୟରେ କ୍ଷତି ଦେଖା ଦେବ ।

ମାତୃଭାଷା

କଟକ, ସୋମବାର, ଜୁନ - ୧୬, ୨୦୨୫ ପୃଷ୍ଠା:୪

## ମହାସାଗରଗୁଡ଼ିକର ଉତ୍ତାପ ଏବେ ୧୭୦ କୋଟି ଆଟମ୍ ବୋମ୍ ଫୁଟିବା ସହିତ ସମାନ - ଆଗକୁ କ'ଣ ହେବ ?

ପ୍ୟାରିସ୍ ଚୁକ୍ତିନାମାକୁ ଏକ ଦଶନ୍ଧି ବିତିଗଲାଣି । ଏହା ସତ୍ତ୍ୱେ ବିଶ୍ୱବ୍ୟାପୀ ମହାସାଗରଗୁଡ଼ିକ ଯେଉଁ ଗତିରେ ଉଷ୍ମ ତଥା ଗରମ୍ ହେଉଛନ୍ତି, ତାହା ବୈଜ୍ଞାନିକମାନଙ୍କୁ ହତଚକିତ କରିଛି । ଫ୍ରାନ୍ସର ନିସ୍ ?ରେ ସଦ୍ୟ ଆରମ୍ଭ ହୋଇଥିବା ଜାତିସଂଘ ମହାସାଗର ସମ୍ମିଳନୀ ସମୟରେ ବିଶେଷଜ୍ଞମାନେ ସତର୍କ କରାଇ ଦେଇଥିଲେ ଯେ ମହାସାଗରଗୁଡ଼ିକ ଏପର୍ଯ୍ୟନ୍ତ ୧ ଶହ ୭୦ କୋଟି ସଂଖ୍ୟକ ପରମାଣୁ ବୋମା ଫୁଟିବା ସମାନ ଶକ୍ତି ଶୋଷିତ କରିସାରିଛନ୍ତି । ଏହାର ଅର୍ଥ ହେଉଛି ପ୍ରତି ସେକେଣ୍ଡରେ ୫ଟି ପରମାଣୁ ବୋମା ସମାନ ଉତ୍ତାପ ସମୁଦ୍ର ଶୋଷୁଛି ।

ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଆଲେକ୍ସ ସେନ୍ ଗୁପ୍ତା କହିଛନ୍ତି, 'ଗତ ୧୦ ବର୍ଷରେ ପୃଥିବୀ ଦ୍ୱାରା ଶୋଷିତ ତାପ ପରିମାଣ ୧ ଶହ ୭୦ଟି ପରମାଣୁ ବୋମା ବିସ୍ଫୋରଣ ସହିତ ସମାନ । ଯଦି ଏହାକୁ ସେକେଣ୍ଡରେ ବିଭକ୍ତ କରାଯାଏ, ତେବେ ପ୍ରତି ସେକେଣ୍ଡରେ ୫ଟି ପରମାଣୁ ବିସ୍ଫୋରଣ ପରି ଉତ୍ତାପ ସମୁଦ୍ରରେ ଶୋଷିତ ହେଉଛି ।'

ଏହାର ପରିଣାମ ହେଉଛି - ସମୁଦ୍ର ପତନରେ ଅଭୂତପୂର୍ବ ବୃଦ୍ଧି, ବରଫ ଚାଦର ଦ୍ରୁତ ତରଳିବା ଏବଂ ସମୁଦ୍ର ଭିତରେ ଅତ୍ୟଧିକ ଉତ୍ତାପ ତରଙ୍ଗ (ସାମୁଦ୍ରିକ ଉତ୍ତପ୍ତ ତରଙ୍ଗ) । ବୈଜ୍ଞାନିକମାନେ କହିଛନ୍ତି ଯେ ଏହି ଉତ୍ତାପଜନିତ ତରଙ୍ଗ ମାଛ ସଂଖ୍ୟାକୁ ବିନଷ୍ଟ କରିଛି, ପ୍ରବାଳ ରିଫଗୁଡ଼ିକୁ ଧ୍ୱଂସ କରିଛି ଏବଂ ସାମୁଦ୍ରିକ ଜୈବ ବିବିଧତାକୁ ଗମ୍ଭୀର ଭାବରେ ପ୍ରଭାବିତ କରିଛି ।

ସମୁଦ୍ରର ତାପମାତ୍ରା ପରମାଣୁ ବୋମା ପରି ଫାଟିଯାଉଛି, ଯାହା ମାନବଜାତି ପାଇଁ ବିପଦ । ୨୦୨୪ ଆରମ୍ଭରୁ, ସମୁଦ୍ର ପୃଷ୍ଠର ତାପମାତ୍ରା ନୂତନ ରେକର୍ଡ ସ୍ଥାପନ କରିଥିଲା । ବିଶ୍ୱ ସ୍ତରରେ ସମୁଦ୍ର ବରଫ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ବୈଜ୍ଞାନିକମାନେ କହିଛନ୍ତି ଯେ ବିଶ୍ୱର ୮୪ ପ୍ରତିଶତ ପ୍ରବାଳ ପ୍ରାଚୀରରେ ବ୍ଲିଚିଂ ପରିଲକ୍ଷିତ ହୋଇଛି, ଯାହାକି ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ପ୍ରବାଳ ସଙ୍କଟ ।

ବ୍ରିଟେନର ମାରିନ୍ ବାୟୋଲୋଜିକାଲ୍ ଆସୋସିଏସନ୍ ର ଡକ୍ଟର କ୍ୟାଥରିନ ଇ. ସ୍ମିଥ୍ କୁହନ୍ତି ଯେ, 'ବିଗତ ବର୍ଷଗୁଡ଼ିକରେ ସମୁଦ୍ରର ଉତ୍ତପ୍ତ ଲହରୀ ସମଗ୍ର ମତ୍ସ୍ୟ ଅର୍ଥନୀତିକୁ ଦୋହଲାଇ ଦେଇଛି । ମତ୍ସ୍ୟଚାଷ ଗୋଟିଏ ପରେ ଗୋଟିଏ ଧ୍ୱଂସ ପାଉଛି, ସାମୁଦ୍ରିକ ଜୀବଜନ୍ତୁ ବଡ଼ ସଂଖ୍ୟାରେ ଲୋପ ପାଉଛନ୍ତି ଏବଂ ପୃଥିବୀରେ ବାତ୍ୟାର ପ୍ରଳୟ ମଧ୍ୟ ବୃଦ୍ଧି ପାଇଛି । ଏସବୁ ୧.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସୀମା ପୂର୍ବରୁ ଘଟୁଛି ।'

ସମ୍ମିଳନୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଥିଲେ ଯେ, 'ଏକମାତ୍ର ବିକଳ୍ପ ହେଉଛି ମହାସାଗରଗୁଡ଼ିକୁ ଲୁଟ୍ ରୁ ସଂରକ୍ଷଣ ଆଡ଼କୁ ସ୍ଥାନାନ୍ତର କରିବା ।' ସେ ଦେଶଗୁଡ଼ିକୁ କେବଳ ପ୍ରତିଶ୍ରୁତି ଦେବା ନୁହେଁ ବରଂ ମଜଭୁତ ନୀତି ମାଧ୍ୟମରେ ସାମୁଦ୍ରିକ ସଂରକ୍ଷଣ କାର୍ଯ୍ୟକାରୀ କରିବାକୁ ମଧ୍ୟ ନିବେଦନ କରିଥିଲେ ।

ଚଳିତ ବର୍ଷର ସମ୍ମିଳନୀ ଫ୍ରାନ୍ସ ଏବଂ କୋଷ୍ଟାରିକା ମିଳିତ ଭାବରେ ଆୟୋଜନ କରୁଛନ୍ତି ଏବଂ ଏଥିରେ ୧ ଶହରୁ ଅଧିକ ଦେଶ ଅଂଶଗ୍ରହଣ କରିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ୨୦୨୬ ସୁଦ୍ଧା 'ହାଇ ସିଜ୍ ଟ୍ରିଟି' ତଥା ସୁଉଚ୍ଚ ସାମୁଦ୍ରିକ ଚୁକ୍ତିନାମା କାର୍ଯ୍ୟକାରୀ କରିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ ଏବଂ ଗଭୀର ସମୁଦ୍ର ଖନନ ବନ୍ଦ କରିବା ପାଇଁ ନିବେଦନକୁ ଦୋହରାଇଥିଲେ ।

ଏହି ଚୁକ୍ତିନାମା ବିଷୟରେ ଏପର୍ଯ୍ୟନ୍ତ ଅଳସୁଆ ଥିବା ତଥା ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବ୍ରିଟେନ ମଧ୍ୟ ଘୋଷଣା କରିଛି ଯେ ଏହା ଚଳିତ ବର୍ଷ ଶେଷ ସୁଦ୍ଧା ଚୁକ୍ତିକୁ ଆଇନଗତ ରୂପ ଦେବ ।

ଉଡୱେଲ ଜଳବାୟୁ ଗବେଷଣା କେନ୍ଦ୍ର ସହିତ ଜଡିତ ଡକ୍ଟର ଜେନିଫର ଫ୍ରାନ୍ସିସ୍ କହିଛନ୍ତି ଯେ ଗ୍ରୀଷ୍ମ ଋତୁରେ ଆର୍କଟିକ୍ ଅଞ୍ଚଳରେ ବରଫର ପୃଷ୍ଠ ଏବେ ଅଧାରୁ କମ୍ ହୋଇଯାଇଛି ଏବଂ ଏହାର ଆୟତନ ପ୍ରାୟ ତିନି-ଚତୁର୍ଥାଂଶ ହ୍ରାସ ପାଇଛି । ବରଫ ଅଭାବରୁ, ଆର୍କଟିକ୍ ପଥଗୁଡ଼ିକ ଏବେ ଖୋଲା ଅଛି, ଯାହା ଜାହାଜଗୁଡ଼ିକର ଗତିବିଧିକୁ ସହଜ କରିଛି, କିନ୍ତୁ ଏହା ଇନ୍ଧନ ଲିକେଜ୍ ଏବଂ ଜୈବିକ ଅସନ୍ତୁଳନର ବିପଦ ମଧ୍ୟ ବୃଦ୍ଧି କରିଛି ।

ସମ୍ମିଳନୀ ଶେଷରେ, 'ନାଇସ୍ ଓସନ୍ ଆକ୍ସନ୍ ପ୍ଲାନ୍' ଏବଂ ଏକ ରାଜନୈତିକ ଘୋଷଣା ପ୍ରକାଶ କରାଯିବ । ଏହାର ଉଦ୍ଦେଶ୍ୟ ହେଉଛି ସମୁଦ୍ର ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ନୀତି ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରିବା । ଛୋଟ ଦ୍ୱୀପ ରାଷ୍ଟ୍ରର ପ୍ରତିନିଧି, ବୈଜ୍ଞାନିକ ଏବଂ ସାମାଜିକ ସଂଗଠନଗୁଡ଼ିକ ମଧ୍ୟ କଠୋର ଜଳବାୟୁ ନୀତି ଏବଂ ନିର୍ଗମନ ହ୍ରାସ ପାଇଁ ଆବେଦନ କରିଛନ୍ତି ।

# 'ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ....'

*ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ*

ପାନ ହେଉଛି ଓଡ଼ିଆର ପ୍ରାଣ । ପ୍ରାଚୀନ ଓଡ଼ିଶାରୁ ପାନର ସୃଷ୍ଟି ଆଉ ଏହା ଆମ ସଂସ୍କୃତି ସହ ନିବିଡ଼ ହୋଇ ରହିଛି - କାହିଁ କେଉଁ କାଳରୁ । ଏମିତିକି ଓଡ଼ିଶାର ଲୋକ ଦେବତା ଜଗନ୍ନାଥଙ୍କର ମଧ୍ୟ ବିଡ଼ିଆ ପାନ ଖଣ୍ଡେ ନହେଲେ ନଚଳେ । ପାନ କାହାର ପ୍ରିୟ ନୁହେଁ ଯେ । ନ ଖାଇଲା ଲୋକଙ୍କୁ ସାଧା ଖିଲିପାନ ଖଣ୍ଡେ ଦେଲେ ସେ ବି ଖୁସିରେ ଖାଇଦେବ । ଆଉ ରଜ କଥା ପୁରା ଅଲଗା । ପୁଣି ରଜପାନର ସ୍ୱାଦ ବି ଖୁବ୍ ରୁଚିକର । ପ୍ରେମ, ପ୍ରିତୀ ଓ ପ୍ରଣୟର ପ୍ରତୀକ ଏଇ ପାନ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଏମିତି ବି ବର୍ଣ୍ଣନା ରହିଛି - 'ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ, ଗଣ୍ଡେ ଦେଇଣ ଚୁମ୍ବନ, ହରଷ ମୁଁ କରାଇବି, ମଲ୍ଲିମାଳ ଶ୍ୟାମଙ୍କୁ ଦେବି ମନ ତୋଷିବି ।'

ପାନ ଖାଉଥିବା ଝିଅଙ୍କ ଓଷ୍ଠାଧାରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ପାନ ଦିଆ ନିଆରେ ସମ୍ପର୍କ ବଢ଼େ, ପ୍ରେମରେ ପୂର୍ଣ୍ଣତା ଆଣେ ପାନ । ନୂଆ ବୋହୂଟିଏ ଘରକୁ ଆସିଲେ ତା'ର ଶାଶୂ, ସାଇପଡ଼ିଶା ପ୍ରଥମେ ପାନ ଭଙ୍ଗାର ପରୀକ୍ଷା ନେଉଥିଲେ । ଗୁରୁଜନମାନଙ୍କୁ ନିଜ ହାତଭଙ୍ଗା ପାନ ପରଷିଦେଇ ବୋହୂଟି ମଥାନୁଆଁଇ ପ୍ରଣାମ କରୁଥିଲା । ତେଣୁ ପାନ ଓଡ଼ିଶା ସଂସ୍କୃତିର ଛତ୍ରେ ଛତ୍ରେ ରହିଛି । ରଜପର୍ବରେ ସହୀ ସଙ୍ଗାତ, ମକର, ବଉଳଙ୍କ ସହିତ ପାନଭଙ୍ଗା ଓ ପରସ୍ପର ଆଦାନପ୍ରଦାନ ଓଡ଼ିଆ ଘରର ଚଳଣିରେ ଗ୍ରାମୀଣ ଜୀବନର ଧାରାକୁ ଏବେ ବି ଉଜ୍ଜିବୀତ କରି ରଖିଛି । ପାନ ଖାଇ ରଜଦୋଳିରେ ବସି ଝିଅମାନେ ରଜପାନର ଗୀତ ବୋଲିବା ପରିବେଶକୁ ଖୁବ୍ ଆମୋଦିତ କରିଥାଏ ।



'ବାଉଁଶ ଅଗରେ ଧାନ
ମୁଁ ଦେବି ପଇସା ଖାଇବୁ ପାନ
ମୋ ବଉଳ ମିତଲୋ
ଏବେ ଚାଲିଯିବା ବୃନ୍ଦାବନ ।
ଉଇଁ ଆସେ ନୂଆ ଜହ୍ନ
ଚାଲ ଯିବା ମିଶି ଗୁଆଖାଦାନ
ମୋ କାଇଁଚମାଳାଲୋ
ଆମେ ସେଇଠି ଖାଇବା ପାନ ।'

ପାନ ଖଣ୍ଡକରେ କିଣି ହୋଇଯାଏ ମନ । ମୁଖର ସୌନ୍ଦର୍ଯ୍ୟ ଓ ବାସ ବୃଦ୍ଧି କରିଥାଏ ବୋଲି ପାନର ଅନ୍ୟ ନାମ ମୁଖବାସ । ପୁଣି ରଜ ଖେଳ ଭିତରକୁ ବି ପାନ ପଶି ଆସିଛି । ବୟସ୍କ ଓ ମହିଳାଙ୍କ ତାସ ଖେଳରେ କଳାପାନ ଓ ନାଲିପାନର ଆଡ୍ଡା ଖୁବ୍ ଜମେ । ଏବେ ଘରେ ଘରେ ରଜପାନ । ରଜ ସମୟରେ କେବଳ କଟକ ଭୁବନେଶ୍ୱର ନୁହେଁ ରାଜ୍ୟର ସବୁଠି ଏମିତିରେ ଆମ କନ୍ଧମାଳର ବାଲିଗୁଡ଼ାରେ ମଧ୍ୟ ପାନ ଦୋକାନୀ ଭଳିକି ଭଳି ରଜ ପାନର ପସରା ମେଲାଇ ବସିଛନ୍ତି । ସେମାନେ ଖାସ୍ ରଜପାନ ହିଁ ତିଆରି କରୁଛନ୍ତି । ପାନରେ ଗୁଆ, ଚୂନ, ଖଇର ସହ ଅନ୍ୟାନ୍ୟ ବ୍ୟବହୃତ ମସଲା ସବୁର ଖୁବ୍ ଔଷଧୀୟ ଗୁଣ ରହିଛି । ଚରକ ସଂହିତାରେ ପାନରେ ଗୁଆ, କର୍ପୂର, ଜାଇଫଳ, ଲବଙ୍ଗ, କଙ୍କୋଳ ଓ ଗୁଜୁରାତି ଦିଆଯାଇଥିବା ପାନ କଥା କୁହାଯାଇଛି । ଏ ସବୁ ମସଲା ପାନର ସ୍ୱାଦ, ସୁଗୁଣ ଓ ସୁବାସ ନେଇ ଆସିଥାଏ । ପାନର ମୁଖ୍ୟ ଉପାଦାନ ଗୁଡ଼ିକ ହେଲା - ପାନ, ଚୂନ, ଗୁଆ, ଖଇର, ଲବଙ୍ଗ, ଗୁଜୁରାତି, ଅଳେଇଚ, ଜାଇତ୍ରୀ, ଜାଇଫଳ, ଖୁରୁଡ଼ି ନଡ଼ିଆ, ବାଦାମ, କର୍ପୂର, କବାବ ଚିନି, କେଶର, ଡାଲଚିନି, କସ୍ତୁରୀ, ସୁନା ତବକ, ରୁପାତବକ, ଶୁଣ୍ଠି, ଅଦା, ଚନ୍ଦନ, ମାତୁଲୁଙ୍ଗ, ପିପରମେଣ୍ଟ, ଲବଳୀ, ନଖି ଓ ମୁରାମାଂସ । ଏ ସବୁ ପାନ ମସଲାଦେଇ ଖୁବ୍ କୌଶଳରେ ମୋଡ଼ାଯାଏ ପାନ, ଆଉ ଏଥିରେ ଲବଙ୍ଗ ଗୁନ୍ଥି ବଢ଼େଇ ଦିଆଯାଏ । ଆତ୍ମୀୟ ସ୍ୱଜନଙ୍କୁ । ଏମିତି ଲୋକ ଅଛନ୍ତି, ଯେଉଁମାନେ ପାନଖଣ୍ଡେ ନ ହେଲେ କାମ କରି ପାରନ୍ତି ନି । ତେବେ କଡ଼ାପାନ ନିଶ୍ଚୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ କ୍ଷତିକାରକ । ପାନ ଖର୍ଚ୍ଚ ବି ଅନେକ ସମୟରେ ଅଣ୍ଟାରୁ ପଇସା ସାରିଦିଏ । ତଥାପି ପାନର ମହତ୍ୱ ଖୁବ୍ ବେଶୀ, ଯେତେବେଳେ ଏହା ମନରେ ସପ୍ରୀତି ଓ ପ୍ରେମଭାବ ଆଣି ଆବେଗକୁ ଉଦ୍‌ବେଳିତ କରେ । ପାନ ଏବେ ଦଶ ଟଙ୍କାରୁ ଆରମ୍ଭ କରି ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି ସବୁଆଡ଼େ । ନିଆଳି, କାକଟପୁର ଅଞ୍ଚଳରୁ ଏଠାକୁ ଆସୁଛି ପାନ, ପୁଣି ପାନମସଲା ଆସୁଛି ଦିଲ୍ଲୀ ଓ କଲକତାରୁ । ବନାରସ ଓ ରାଞ୍ଚିର ପାନ ବି ଏଠାକୁ ଆସୁଛି ବିକ୍ରି ପାଇଁ । ଜାଫ୍ରାନ ଓ ଗୁଲକନ୍ଦର ଚାହିଦା ବି ଓଡ଼ିଶା ବଜାରରେ ଖୁବ୍ । ରାଜଧାନୀରେ ପାନ ଦୋକାନ କରି ହଜାର ହଜାର ଲୋକ ପେଟପାଟଣା ଦେଖୁଥିବାବେଳେ - ଏବେ ସେମାନଙ୍କର ରଜବଜାର ବେଶ୍ ଜମିଛି । ଦୋକାନୀମାନେ ଢ଼େର ମିଠା ମସଲା ଭର୍ତ୍ତିକରି ରଖିଛନ୍ତି । ଘରେ ଘରେ ବି ବୟସ୍କ ଲୋକ ପାନ ଭାଙ୍ଗି ଅତିଥି ଚର୍ଚ୍ଚା କରୁଛନ୍ତି । ଝିଅଙ୍କର ଏବେ ପାନଖିଆର ବେଳ ।

*ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭*

# ଶ୍ରୀ ଜୀଉଙ୍କ ଅନବସର ଓ ପଟି ଦିଅଁ

**କିଶୋର କୁମାର ଜେନା**

ବିଶ୍ୱର ସବୁଧର୍ମ - ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଗଣ ଦେବତା । ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ । ଏହି ସଂସ୍କୃତିର ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ । ବିଭିନ୍ନ ଧର୍ମଦେବତାମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେବା ପାଇଁ ସବର୍ଦା ବ୍ୟାକୁଳ ପ୍ରୟାସ କରିଅଛନ୍ତି । ଶ୍ରୀଜଗନ୍ନାଥ ସର୍ବଧର୍ମମତାଶ୍ରୟୀଙ୍କର ଏକ ମିଳନ ତୀର୍ଥ ଯାହାକି ଧର୍ମଯାଜକ, ପରିବ୍ରାଜକ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ ତଥା ମହାମନିଷୀମାନଙ୍କୁ ଯୁଗେ ଯୁଗେ ଆକୃଷ୍ଟ କରିବାରେ ସମର୍ଥ । ଏହି ପରିପ୍ରେକ୍ଷୀରେ ଦ୍ୱାଦଶ ଶତାବ୍ଦୀର କବି ଉଦିୟନାଚାର୍ଯ୍ୟଙ୍କର ନିମ୍ନ ଉଦ୍ଧୃତି ଅନୁଶୀଳନୀୟ - ଯଥା - 'ଯଂ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନଃ । ବୌଦ୍ଧଃ ବୁଦ୍ଧି ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ । ଅର୍ହନ୍ନିତ୍ୟଥ ଜୈନ ଶାସନରତାଃ କର୍ମେତି ମୀମାଂସକାଃ । ସେହୋୟଂ ବଃ ବିଦଧାତୁ ବାଞ୍ଛିତ ଫଳଂ ତ୍ରୈଲୋକ୍ୟନାଥହରିଃ ।'

ଜଗନ୍ନାଥ କେବଳ ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ବିରାଜିତ ଏକ ଠାକୁର ପ୍ରତିମା ନୁହନ୍ତି । ଶ୍ରୀକ୍ଷେତ୍ରବାସୀଙ୍କ ପାଇଁ ସେ ହେଉଛନ୍ତି ମୁଖ୍ୟ ମୁରବି । ତାଙ୍କୁ ନ ପଚାରିଲେ ତାଙ୍କ ବିନାନୁମତିରେ ଶ୍ରୀ କ୍ଷେତ୍ରର କୌଣସି ଘରେ ସତେ ଯେମିତି ଚୁଲି ଜଳେନାହିଁ । ତେଣୁ ସମସ୍ତ ପୂଜା ପାର୍ବଣ ପ୍ରଥା ପରମ୍ପରା ସହିତ ଶ୍ରୀଜଗନ୍ନାଥ ଜଡ଼ିତ । ଏ ସମ୍ପର୍କ ଏକ ଭାବର ସମ୍ପର୍କ ଏବଂ ସେହି ଭାବର ମହନୀୟତା ସ୍ପଷ୍ଟ ପରିପ୍ରକାଶ ହୋଇଥାଏ । ଶ୍ରୀ ଜଗନ୍ନାଥଙ୍କର ନୀତି ପ୍ରତିଦିନର ଜୀବନଚର୍ଯ୍ୟାକୁ ନେଇ । ଏଠି ସକାଳ ହେଲେ ଘରର ଗେଲ ବସର ପୁଅକୁ ମା ନିଦରୁ ଉଠାଇଲା ଭଳି ଶ୍ରୀମନ୍ଦିର ଭିତରେ ଠାକୁରଙ୍କୁ ନିଦରୁ ଉଠାଇବା ପାଇଁ କାଳି ଅନ୍ଧାରୁ ଭକ୍ତଗଣ ରାମଚରିତ ମାନସ କରିଥାନ୍ତି । ଭଜନ ଜଣାଣ ଗାଇଥାନ୍ତି ଏବଂ ଝାଞ୍ଜ, ଖୋଳ, କୀର୍ତ୍ତନକରି ଠାକୁରଙ୍କୁ ନିଦରୁ ଉଠାଇବା ପାଇଁ ନିବେଦନ କରିଥାନ୍ତି । ଛପନ ପଉଟି ଭୋଗ ଖାଇ ନିଦ୍ରା ଯାଇଥିବା ଶ୍ରୀଜଗନ୍ନାଥ ଉଠିଲା ପରେ ଅବିକଳ ସାଧାରଣ ମଣିଷଟିଏ ପରି ଦାନ୍ତ ଘସିବାଠାରୁ ଆରମ୍ଭ କରି ଜଳଖିଆ ଖାଇବା ପର୍ଯ୍ୟନ୍ତ ଏବଂ ନିଜ ରାଜ୍ୟର ହାଲଚାଲ ବୁଝିବା ପାଇଁ



ସର୍ବସାଧାରଣଙ୍କୁ ନିଜ ରତ୍ନ ସିଂହାସନ ଯାଏଁ ଆମନ୍ତ୍ରିତ କରିଥାନ୍ତି ସେ ।

ସତେ ଯେପରି ସାଧାରଣ ମଣିଷର ସୁଖଦୁଃଖ ଭଲ ମନ୍ଦର କଥା ବୁଝିଥାନ୍ତି । ଏଭଳି ଏକ ଠାକୁର ଯାହାଙ୍କର ଦେହ ମଧ୍ୟ ଖରାପ ହୁଏ, ଜ୍ୱର ହୁଏ । ଔଷଧ ଖାଇ ଆରୋଗ୍ୟ ମଧ୍ୟ ଲାଭ କରନ୍ତି । ବର୍ଷକରେ ଥରେ ସାଧାରଣ ମଣିଷଟିଏ ଚାକିରି କ୍ଷେତ୍ରରୁ ଛୁଟିନେଇ ବାହାରକୁ ବୁଲିଗଲା ଭଳି ମହାପ୍ରଭୁ ମଧ୍ୟ ରଥରେ ବସି ବୁଲି ଯାଇଥାନ୍ତି । ଅବଶ୍ୟ ତାହାକୁ ରଥଯାତ୍ରା ବା ଘୋଷଯାତ୍ରା କୁହାଯାଏ । ସେ ମନ୍ଦିର ପରିସରରେ ସବୁଦିନ ପାଇଁ ଆବଦ୍ଧ ରହିବାକୁ ଚାହାନ୍ତି । ବଡ଼ଠାକୁର ନିଜେ ଆଖିରେ - ଦେଖିବେ ଦେଶ ଦୁନିଆ ହାଲ । ସେହିଭଳି ଅବଲୀଳାକ୍ରମେ ଯୋଡ଼ା ଆଷାଢ଼ରେ ସେ ଶରୀର ତ୍ୟାଗ କରିଥାନ୍ତି । ଏଭଳି ଠାକୁର ସମଗ୍ର ବିଶ୍ୱରେ ବିରଳ ।

ସ୍ନାନ ଓ ଶ୍ରୀଗୁଣ୍ଡିଚା ମଧ୍ୟବର୍ତ୍ତୀ ସମୟରେ ହେଉଥିବା ବିଧାନ ହେଉଛି ଅନବସର ବା ଅଣସର । ଦେବସ୍ନାନ ପୂର୍ଣ୍ଣିମା ବା ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ହିଁ ଅଣସର ନାମରେ ପରିଚିତ । ଠାକୁରମାନେ ସ୍ନାନ ପରେ ବିଜେ କରିଥାନ୍ତି ଅଣସର ପିଣ୍ଡିରେ । ସାଧାରଣ ଦର୍ଶନ ନିଷେଧ ଥିବା ଏହି ୧୫ ଦିନ ଶବରରାଜ ବିଶ୍ୱାବସୁ ଓ ବିଦ୍ୟାପତିଙ୍କର ବଂଶଧର ଦଇତା ପତି ସେବାୟତଙ୍କ ଅଖଣ୍ଡ ଅଧିକାର ଦେଖିବାକୁ ମିଳେ । ତେବେ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ଦେବତା ଭାବେ ଶ୍ରୀ ନାରାୟଣ ସ୍ୱୀକୃତ । ତାଙ୍କର ଧାତୁ ମୂର୍ତ୍ତି ଶ୍ରୀମନ୍ଦିରର ଦକ୍ଷିଣୀ ଘରେ ବର୍ଷ ସାରା ଉପାସିତ ହୁଅନ୍ତି । ବିଶିଷ୍ଟ ଗବେଷକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟ ଅନୁଯାୟୀ ମହାପ୍ରଭୁଙ୍କ ଆଜ୍ଞାରେ ଶ୍ରୀ ନାରାୟଣ ଜଗତ ମଙ୍ଗଳ ଲୀଳା କରନ୍ତି କିନ୍ତୁ ଅଣସର ସମୟରେ ମହାପ୍ରଭୁଙ୍କ ସ୍ଥାନରେ ଧାତୁ ବିଗ୍ରହ ପୂଜିତ ନହୋଇ ଶ୍ରୀ ନାରାୟଣ ପଟି ଚିତ୍ରରେ ଶୋଭା ପାଆନ୍ତି । ମହାପ୍ରଭୁ ନିଜେ ଅନନ୍ତ, ଯାହାଙ୍କର ଆଦି ଅନ୍ତ ନାହିଁ ବୋଲି ଶାସ୍ତ୍ରରେ କୁହାଯାଇଛି । ତେଣୁ ଅଣସରରେ ମହାପ୍ରଭୁଙ୍କ ସ୍ଥାନରେ ଶ୍ରୀ ନାରାୟଣ ପୂଜା ହୁଅନ୍ତି । ଶ୍ରୀ ଅନନ୍ତ ନାରାୟଣ ରୂପରେ ଚାରି ବାହୁଯୁକ୍ତ ହୁଅନ୍ତି । ପଟି ଦିଅଁ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀ ଅନନ୍ତ ନାରାୟଣ ଏବଂ ଶ୍ରୀ ବଳଭଦ୍ରଙ୍କ ସ୍ଥାନରେ ଉପାସିତ ହୁଅନ୍ତି ଶ୍ରୀ ଅନନ୍ତ ବାସୁଦେବ । ଉଭୟ ବୈଷ୍ଣବ ଓ ଶୈବ ଧାରାର ମିଶ୍ରିତ ଉପାସନା ପଦ୍ଧତିରେ ଶ୍ରୀକ୍ଷେତ୍ର ମୈତ୍ରୀର ମୂଲ୍ୟବୋଧର ପ୍ରତୀକ ଭାବେ ପରିଚିତ । ଅଣସର ନୀତିର ୩ଟି ମୌଳିକ ତାତ୍ପର୍ଯ୍ୟ ରହିଛି । ପୌରାଣିକ ମତରେ ଶବର ଭକ୍ତ ବିଶ୍ୱାବସୁଙ୍କ ସ୍ମୃତିଚାରଣ, ଦ୍ୱିତୀୟ ଠାକୁରଙ୍କ ଗୁପ୍ତନୀତି ପାଇଁ ସମୟ ଓ ସୁଯୋଗ ସୃଷ୍ଟି ଏବଂ ତୃତୀୟରେ ଶ୍ରୀଜୀଉ ଜ୍ୱର ବାଧିକାଗ୍ରସ୍ତ ହୋଇ ଔଷଧ ଗ୍ରହଣ କରିବାର ଦୃଷ୍ଟାନ୍ତ । ଏହି ସମୟରେ ପ୍ରଭୁଙ୍କୁ ଅନ୍ନ ଭୋଗ ବଦଳରେ ବିଭିନ୍ନ ଫଳମୂଳ, ଚକଟା ଓ ପଣା ଭୋଗ ପୂଜା କରାଯାଏ । ଏହି ଘରଟିକୁ ବାଉଁଶ ତାଟିରେ ଆବୃତ୍ତ କରି ରଖାଯାଏ । ଅତ୍ୟଧିକ ସ୍ନାନ ହେତୁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ଏହି ନୀତି ଅବଲମ୍ବନ କରିଥାନ୍ତି । ଏଠାରେ ହୋଇଥାଏ ପ୍ରଭୁଙ୍କର ଗୁପ୍ତସେବା । ପଞ୍ଚମୀ ଦିନ ପ୍ରଭୁଙ୍କ ଅଙ୍ଗରେ ଫୁଲୁରି ତେଲ ଲାଗି ହୋଇଥାଏ । ଷଷ୍ଠ ଦିନଠାରୁ ତିନିଦିନ ଯାଏ ଓଷ ଲାଗି ହୋଇଥାଏ । ଦଶମୀରେ ଚକା ବିଜେ । ତା ପରେ ଏକାଦଶୀରେ ଖଳି ଲାଗି ଓ ଦଶମୂଳ ପାଚନ ଲାଗି ଏବଂ ଦ୍ୱାଦଶୀରେ ଦ୍ୱାଦଶୀ ନୀତି, ତ୍ରୟୋଦଶୀରେ ଘଣା ଲାଗି ଶେଷରେ ନବଯୌବନ ଦର୍ଶନ ବା ନେତ୍ରୋତ୍ସବ ପାଳିତ ହୁଏ ।


*ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭*

# ଦେଶବନ୍ଧୁ ଓ ଯୁଗବନ୍ଧୁ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଭାରତୀୟ ସାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ମଧ୍ୟରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଅନ୍ୟତମ । ବ୍ରିଟିଶ ଭାରତରେ ସେ ସ୍ୱରାଜ ଦଳର ସକ୍ରିୟ ସଦସ୍ୟ ଥିଲେ । ସେ ଅବିଭକ୍ତ ଭାରତବର୍ଷର ଢ଼ାକ୍କା (ବର୍ତ୍ତମାନର ବାଙ୍ଗଲାଦେଶ) ନିକଟବର୍ତ୍ତୀ ବିକ୍ରମପୁରରେ ଏକ ସଂଭ୍ରାନ୍ତ ବୈଦ୍ୟ ପରିବାରରେ ଜନ୍ମ ହୋଇଥିଲେ । ଇଂଲଣ୍ଡରେ ଆଇନ ଶିକ୍ଷା କରି ସେ ବାରିଷ୍ଟର ହୋଇଥିଲେ । ଆଲିପୁର ବୋମା ବିସ୍ଫୋରଣ ମାମଲାରେ ସେ ଶ୍ରୀ ଅରବିନ୍ଦଙ୍କ ପକ୍ଷରୁ ମାମଲା ପରିଚାଳନ କରି, ତାଙ୍କୁ ରକ୍ଷା କରିବାରେ ସଫଳ ହୋଇଥିଲେ । ଅସହଯୋଗ ଆନ୍ଦୋଳନରେ ଦେଶବନ୍ଧୁ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ବିଦେଶୀ ବସ୍ତ୍ରରେ ନିଆଁ ଲଗାଇଥିଲେ । ସେ ଫରୱାର୍ଡ଼ ନାମକ ଖବରକାଗଜ ପ୍ରକାଶ କରୁଥିଲେ । ପରେ ଏହାର ନାମ ବଦଳି ଲିବର୍ଟି ହୋଇଥିଲା । କଲିକତା ମହାନଗର ନିଗମର ସେ ଥିଲେ ପ୍ରଥମ ମେୟର୍ । ଭାରତୀୟ କଂଗ୍ରେସର ଗୟା ଅଧିବେଶନ ବେଳେ ଗାନ୍ଧିଜୀଙ୍କ ସହ ମତଭେଦ ଯୋଗୁଁ ସେ ସଭାପତି ପଦ ତଥା ଦଳ ତ୍ୟାଗ କରିଥିଲେ । ତାହା ପରେ ମୋତିଲାଲ ନେହେରୁ ଓ ହୁସେନ ଶାହିଦ ସୁହ୍ରାୱର୍ଦୀଙ୍କ ସହ ମିଳିତ ଭାବେ ସ୍ୱରାଜ ଦଳ ପ୍ରତିଷ୍ଠା କରିଥିଲେ । ସେ ଅହିଂସାବାଦୀ ଥିଲେ ହେଁ କଠୋର ଆଭିମୁଖ୍ୟ ଯୋଗୁଁ ଗାନ୍ଧୀଙ୍କ ଠାରୁ ଦୂରେଇଯାଇଥିଲେ ।

ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ଆଧ୍ୟାତ୍ମିକ ଗୁରୁ ଯୁଗବନ୍ଧୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦିଗ୍‌ଦର୍ଶନରେ ଦେଶବନ୍ଧୁଙ୍କର ଜୀବନଶୈଳୀ ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଥିଲା । ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ କନିଷ୍ଠ ଭ୍ରାତା ଶ୍ରୀ ବାରୀନ୍ ଘୋଷ ଦୀପାନ୍ତର ପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସାହଚର୍ଯ୍ୟରେ ପାବନା ହିମାଇତପୁର (ବାଂଲାଦେଶ) ସତ୍‌ସଙ୍ଗ ଆଶ୍ରମରେ କିଛିଦିନ ଅବସ୍ଥାନ କରିଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କର ଚରିତ୍ରର ମାଧୁର୍ଯ୍ୟ ଓ ଆଧ୍ୟାତ୍ମିକ ଆଳାପ ଆଲୋଚନାରେ ଶ୍ରୀ ବାରୀନ୍ ଘୋଷ ଅତ୍ୟନ୍ତ ମୁଗ୍ଧ ହୋଇଥିଲେ । ସତ୍‌ସଙ୍ଗରୁ ଫେରି ଶ୍ରୀ ବାରୀନ୍ ଘୋଷ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କ କଥା କହିଥିଲେ ଓ ଦେଶବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ 'ନାରାୟଣ' ପତ୍ରିକାରେ 'ସତ୍‌ସଙ୍ଗର ମଧୁଚକ୍ର' ନାମକ ଏକ ପ୍ରବନ୍ଧ ପ୍ରକାଶ କଲେ ।



ଯୁଗବନ୍ଧୁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରଥମ ସାକ୍ଷାତ ହୋଇଥିଲା କଲିକତା ମହାନଗରର ମାଣିକତଲାରେ ୧୯୨୪ ମସିହାର ମଇ ମାସରେ । ସତ୍ୟାଗ୍ରହ ଆନ୍ଦୋଳନ, ଚରଖା ଆନ୍ଦୋଳନ, ସ୍ୱରାଜ ଆନ୍ଦୋଳନ, ବିପ୍ଲବୀ କ୍ରିୟାକଳାପ, ଭାରତ ବର୍ଷର ସାଧୀନତା, ଦେଶର ଅର୍ଥନୈତିକ ସାଧୀନତା ଓ ମାନବୀୟ ମୂଲ୍ୟବୋଧର ଜାଗରଣ ଇତ୍ୟାଦି ବହୁ ପ୍ରସଙ୍ଗରେ ଦେଶବନ୍ଧୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଲୋଚନା କରିଥିଲେ ।

ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କର ସହଜ, ସରଳ, ନିରଭିମାନ ବ୍ୟକ୍ତିତ୍ୱ, ଅନ୍ତହୀନ ଜ୍ଞାନ, ଉତ୍କୃଷ୍ଟ ଅନାବିଳ ପ୍ରେମ ଓ ସର୍ବୋପରି ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ଭାରତମାତାର ଜାଗରଣ ନିମିତ୍ତ ଏକ ସୁପରିକଳ୍ପିତ ସମନ୍ୱିତ ଯୋଜନା ଯାହାକି ଶିକ୍ଷା, ଦୀକ୍ଷା, ସୁବିବାହ ଓ ମନୁଷ୍ୟର ଜୈବିକ ସଂସ୍ଥିତିର ଉନ୍ନୟନ ଉପରେ ପର୍ଯ୍ୟବେସିତ ଇତ୍ୟାଦି ଜ୍ଞାନର ଆଭାସ ପାଇ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଶବନ୍ଧୁ ଗୁରୁ ରୂପେ ବରଣ କରିଥିଲେ ଓ ଜନନୀ ମନମୋହିନୀ ଦେବୀଙ୍କ ଠାରୁ ୧୪ ମଇ୧୯୨୪ ମସିହାରେ ସତ୍‌ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ । ଦୀକ୍ଷା ଗ୍ରହଣ ପରେ ଦେଶବନ୍ଧୁ ତାଙ୍କର ପୁତ୍ର ଚିରରଞ୍ଜନ ଓ ପୁତ୍ରବଧୂ ସୁଜାତା ଦେବୀଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦେଇ ଶ୍ରୀମାନ ସୁନୀଲ ଚନ୍ଦ୍ର ମୁର୍ଖାଜୀଙ୍କ ସହିତ ସତ୍‌ସଙ୍ଗ ଆଶ୍ରମକୁ ପଠାଇ ଦେଇଥିଲେ ଓ ସେମାନେ ସୁଦୀର୍ଘ ଦିନ ଶ୍ରୀ ଶ୍ରୀ ଠାକୁରଙ୍କ ସାହଚର୍ଯ୍ୟରେ ଆଶ୍ରମରେ ଅବସ୍ଥାନ କରିଥିଲେ । ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଫରିଦ୍‌ପୁର ସମ୍ମିଳନୀ ଯିବା ପୂର୍ବରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏକ ପତ୍ର ମାଧ୍ୟମରେ ତାଙ୍କୁ ଅନୁରୋଧ କରିଥିଲେ ଯେ ଆପଣ କିଛି ଦିନ ସତ୍‌ସଙ୍ଗ ଆଶ୍ରମରେ ରହି ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ଶ୍ରୀ ଶ୍ରୀ ଠାକୁରଙ୍କର ଲୀଳାସହଚର ଭକ୍ତ ପ୍ରବଳ ସୁଶୀଲ ଚନ୍ଦ୍ର ବସୁ ଏହି ଚିଠିଟି ନେଇ ଦେଶବନ୍ଧୁଙ୍କୁ ଦେଲାପରେ ଦେଶବନ୍ଧୁ ଚିଠିଟିକୁ ମଥାରେ ଲଗାଇ ଖୋଲିଲେ ଏବଂ ପଢି କହିଲେ ଯେ ଫରିଦ୍‌ପୁର କନ୍‌ଫାରେନ୍ସରୁ ଫେରି ଦାର୍ଜିଲିଂ ଯିବା ପଥରେ ମୁଁ ସତ୍‌ସଙ୍ଗ ଆଶ୍ରମକୁ ଯିବି । ମହାତ୍ମା ଗାନ୍ଧୀ ମଧ୍ୟ ସେହି ଫରିଦ୍‌ପୁର କନ୍‌ଫାରେନ୍ସରେ ଉପସ୍ଥିତ ଥିଲେ । ୧୯୨୫ ମସିହା ୧୧ମେ ଦିନ ଦେଶବନ୍ଧୁ ସତ୍‌ସଙ୍ଗ ଆଶ୍ରମରେ ପଦ୍ମାତୀରରେ ଏକ ଛୋଟ ବଙ୍ଗଳାରେ ଯାଇ ରହିଲେ । ସେହିଠାରେ ଗଭୀର ରାତ୍ରି ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଳାପ ଆଲୋଚନା ଚାଲୁଥିଲା - ଆଧ୍ୟାତ୍ମିକ ସାଧନା, ଶିକ୍ଷା, ଦର୍ଶନ, ସମାଜ, ଇତିହାସ ଓ ବିଜ୍ଞାନ ଇତ୍ୟାଦି ବିଷୟରେ ବହୁ ଆଲୋଚନା ହେଉଥିଲା । ଦାର୍ଜିଲିଂରୁ ଫେରି ସେ କେଉଁ କାର୍ଯ୍ୟରେ ମନ ଦେବେ, ସେ ସବୁ ବିଷୟରେ ଶ୍ରୀ ଶ୍ରୀ ଠାକୁର ପରାମର୍ଶ ଦେଇଥିଲେ । ଆଶ୍ରମରେ ତିନି ଚାରି ଦିନ ରହିବାପରେ ଅନେକ ସୁସ୍ଥବୋଧ କଲାପରେ ଆତ୍ମୀୟ ସ୍ୱଜନଙ୍କ ଇଚ୍ଛାନୁସାରେ ଦାର୍ଜିଲିଂ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ଅନୁମତି ନ ମିଳିବାଯୋଗୁଁ ଦୁଇଥର ଦାର୍ଜିଲିଂ ଯାତ୍ରା ବନ୍ଦ ହୋଇଥିଲା । କିନ୍ତୁ ପରେ ଅନିଚ୍ଛାସତ୍ତ୍ୱେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ଅନୁମତି ଦେବାକୁ ବାଧ ହୋଇଥିଲେ । ପୁତ୍ରଚରିରଞ୍ଜନ, ପୁତ୍ରବଧୁ ସୁଜାତା ଦେବୀ ଓ ତାଙ୍କର କନ୍ୟାଗଣ ଆଶ୍ରମରେ ରହିଗଲେ । କିନ୍ତୁ ଦୁର୍ଭାଗ୍ୟବଶତଃ କାଳର କରାଳକ୍ରମେ ଦାର୍ଜିଲିଂ ଠାରେ ଗୁରୁତର ଶାରୀରିକ ଅସୁସ୍ଥତା ଯୋଗୁଁ ମାତ୍ର ପଞ୍ଚାବନ ବର୍ଷ ବୟସରେ ଦେଶବନ୍ଧୁଙ୍କର ମହାପ୍ରୟାଣ ହୋଇଥିଲା । କଲିକତାରେ ଦେଶବନ୍ଧୁଙ୍କ ଅନ୍ତିମ ଶୋଭାଯାତ୍ରାରେ ଜନନୀ ମନମୋହିନୀ ଦେବୀ ଓ ଜାତିର ପିତା ମହାତ୍ମାଜୀ ଉପସ୍ଥିତ ରହି ତାଙ୍କର ଗୁଣ ବଖାଣିଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ୍ୟ ତାଙ୍କୁ ନିଜର ଗୁରୁ ହିସାବରେ ମାନନ୍ତି । ଦେଶବନ୍ଧୁଙ୍କ ପତ୍ନୀ ବାସନ୍ତୀ ଦେବୀଙ୍କୁ ମାଆ ଭାବେ ସମ୍ବୋଧିତ କରୁଥିଲେ । ଦେଶବନ୍ଧୁଙ୍କର ଶେଷ ବାକ୍ୟ ଥିଲା - ମୋ ଜୀବନର ସମସ୍ତ ଆଶା, ଆକାଂକ୍ଷା ଓ ଚିନ୍ତାଧାରା ଶ୍ରୀ ଶ୍ରୀ ଠାକୁରଙ୍କର ସାନ୍ନିଧ୍ୟ ଲାଭ କରି ପରିମାର୍ଜିତ ହୋଇଥିଲା । ୧୯୨୫ ମସିହା ଜୁନ୍ ୧୬ ତାରିଖରେ ପ୍ରବଳ ଜ୍ୱରରେ ପୀଡ଼ିତ ହେବା ଯୋଗୁଁ ଦେଶବନ୍ଧୁଙ୍କର ପ୍ରାଣହାନୀ ଘଟିଥିଲା । ।

*ସହ-ପ୍ରତିରତ୍ୱିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ମହାଯୋଗୀ ଶ୍ରୀ ଅରବିନ୍ଦ - ମହାକାବ୍ୟ 'ସାବିତ୍ରୀ'

**ଡାକ୍ତର ରାମ ପ୍ରସାଦ ରାୟ**

'ସାବିତ୍ରୀ' ଏକ କବିତା ମାତ୍ର ନୁହେଁ, ଏହା ଇଂରାଜୀ ଭାଷା ସାହିତ୍ୟର ସର୍ବବୃହତ୍ ମହାକାବ୍ୟ । ତେଇଶ ହଜାରରୁ ଉର୍ଦ୍ଧ୍ୱ ଧାଡ଼ି ସମ୍ବଳିତ ଏହି ମହାକାବ୍ୟର ସର୍ବଜନାଦୃତ ପରିଚୟ ମଧ୍ୟ ଏହା ନୁହେଁ, ଏକ ପବିତ୍ର ଆବେଦନ ହିଁ ଏହାର ପାଠକୀୟ ସ୍ୱୀକୃତି । 'ସାବିତ୍ରୀ' ଆଧ୍ୟାତ୍ମିକ ଗତ୍ୟାତ୍ମକ ଶକ୍ତି ସଂଯୋଗକାରିଣୀ । ଚେତନାର କେନ୍ଦ୍ରବିନ୍ଦୁରେ ସଂସ୍ଥାପିତ ହୋଇ ବ୍ୟକ୍ତିସତ୍ତାର ଉର୍ଦ୍ଧ୍ୱାରୋହଣ ପାଇଁ ଏହା ଏକ ମନ୍ତ୍ରମାଳା । ଯାହାର ସତ୍ୟ ଓ ଜ୍ଞାନର ଶକ୍ତି ଜୀବନର ଗତିପଥରେ ଆଣେ ପରିବର୍ତ୍ତନ, ବିବର୍ତ୍ତନ, ଯାହା ପଠନ ମାତ୍ରକେ ଜୀବନର ଏକ ମହାର୍ଘ ଅଂଶରେ ହୁଏ ପରିଣତ, ସେହି ମହାକାବ୍ୟର ଅଧ୍ୟୟନରେ ମାନବାତ୍ମା କେବଳ ହୁଏନାହିଁ ତୃପ୍ତ - ଲୋଡ଼ିଥାଏ ଏକ ନିରନ୍ତର ହୃଦୟାଭ୍ୟାସ । 'ଓସ୍ୱ ଙବସ୍ୱ ସ୍ୱଷର ଷକ୍ଟଙ୍କସ୍ୱ ଭରଲକ୍ଟକ୍ସର ସ୍ୱଷର ଶକ୍ଟୟସ୍ୱ ବଙ୍ଗବଲର' 'ବିଭୁ - ଜାଗୃତି ପୂର୍ବର ସେହି ବେଳା ।' ଏହି ଅନୁପମ - ଆତ୍ମ ବାକ୍ୟଟିରୁ ହିଁ ଶ୍ରୀ ଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଶୁଭାରମ୍ଭ । ବରୋଦାରେ ଥିବା ସମୟରେ ସେ ଏହାର ରଚନା ଆରମ୍ଭ କରିଥିଲେ । ତାଙ୍କର ଚୈତ୍ୟ-ସାଧନାର ଦୀର୍ଘାତିଦୀର୍ଘ ପଥରେ, ଚେତନାର ବିଭିନ୍ନ ସ୍ତରର ଅନୁଭୂତିର ପରିମାପକ ରୂପେ ସେ ଏହାର ରଚନାକାର୍ଯ୍ୟ ପ୍ରାୟ ପଚାଶବର୍ଷ ଅବ୍ୟାହତ ରଖିଥିଲେ । ତେବେ ସାବିତ୍ରୀ କାହିଁକି ? ପୁରାଣରେ ନିହିତ ଏହାର ମୂଳ କାହାଣୀ ବହୁ ପରିଚିତ ଓ ବହୁବାର ଆଲୋଚିତ । ସମ୍ରାଟ ଅଶ୍ୱପତି ନିଃସନ୍ତାନ । ତଦାନୀନ୍ତନ ସମୟର ପ୍ରଥାନୁସାରେ, ତପସ୍ୟା ଉଦ୍ଦେଶ୍ୟରେ ଅରଣ୍ୟ ଯାତ୍ରା କରନ୍ତି । ଦୀର୍ଘ ଅଠର ବର୍ଷର କଠୋର ତପସ୍ୟା ଅନ୍ତେ ଦେବମାତା ଗାୟତ୍ରୀ ତାଙ୍କ ସମ୍ମୁଖରେ ପ୍ରକଟିତ ହୋଇ, ସ୍ୱୟଂ ତାଙ୍କର ସନ୍ତତି ରୂପେ ଜନ୍ମିତା ହେବେ ବୋଲି ବର ପ୍ରଦାନ କରନ୍ତି । ଅଶ୍ୱପତି ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରନ୍ତି । ସାବିତ୍ରୀ ଓ ଗାୟତ୍ରୀ - ଏକ ଦେବୀଙ୍କର ଦୁଇଟି ନାମ । ତେଣୁ ସେ କୃତକୃତ୍ୟ ଚିତ୍ତରେ ସେହି କନ୍ୟାର ନାମ ରଖନ୍ତି 'ସାବିତ୍ରୀ' ।

ଶ୍ରୀ ଅରବିନ୍ଦ ଜଣେ ଜାତ-କବି । ତାଙ୍କ ପାଇଁ କବିତା ଏକ ସ୍ୱାଭାବିକ ପ୍ରାକୃତିକ କର୍ମ । କିନ୍ତୁ ସେ ଏହି ମହାକାବ୍ୟ ବିରଚନା ପାଇଁ ନେଇଛନ୍ତି ପାଞ୍ଚ ଦଶନ୍ଧି ସମୟ । ତେରବର୍ଷ ବୟସରେ ଲଣ୍ଡନରେ ଥିବା ସମୟରେ ସେ ତାଙ୍କର ପ୍ରଥମ କବିତା ରଚନା କରିଥିଲେ । ଏକ ନିର୍ଦ୍ଦିଷ୍ଟ କବିତା 'ସାବିତ୍ରୀ'ର ନିରୀକ୍ଷଣ, ପୁନଃନିରୀକ୍ଷଣ ଏପରିକି କେତେକ ସ୍ଥଳେ ଏଗାର ଥରରୁ ଅଧିକ ସଂଶୋଧିତ ମଧ୍ୟ ହୋଇଛି । ଏଥି ସମ୍ବନ୍ଧରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଏପରି କରିବା ପାଇଁ ସେ ଉପରୁ ନିର୍ଦ୍ଦେଶ ଓ ପ୍ରେରଣା ପାଇଛନ୍ତି । ଏକ ନିପୁଣ, ନିଖୁଣ ପୂର୍ଣ୍ଣତା ଲାଭ ନିମନ୍ତେ ସେ କରିଛନ୍ତି ସକଳ ପ୍ରୟାସ । ପରିପୂର୍ଣ୍ଣତା ଏକ ଚରମ ସ୍ଥିତି ନୁହେଁ । ଶ୍ରୀମାଙ୍କର ସ୍ୱତନ୍ତ୍ର ବ୍ୟାଖ୍ୟା ପ୍ରତିପାଦନ କରେ - ଏକ ଶୀର୍ଷ ବିନ୍ଦୁରେ ଆରୋହଣ କରିବାର ଅର୍ଥ ପରିପୂର୍ଣ୍ଣତା ନୁହେଁ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଉପଲବ୍ଧ ସମସ୍ତ ସୁଯୋଗର ସଦୁପଯୋଗ କରିବା ହିଁ ପରିପୂର୍ଣ୍ଣତା । ପ୍ରତ୍ୟେକ ସ୍ଥିତିରେ ଅନେକ ସୁଯୋଗ ଓ କାରଣମାନ ଉପସ୍ଥିତି ଥାଏ । କିନ୍ତୁ ଉପଲବ୍ଧ ସେହି ସମସ୍ତ ସୁଯୋଗର ସର୍ବାଧିକ ସଂହତି ଓ ବିନିଯୋଗ କରିପାରିବା ହିଁ ସେହି ମୁହୂର୍ତ୍ତର ପରିପୂର୍ଣ୍ଣତା । ଏକ ଦୃଷ୍ଟିରେ ପରିପୂର୍ଣ୍ଣତା ଏକ ଚଳନଶୀଳ ସ୍ଥିତି । ଏହା ଉତ୍କର୍ଷତା, ଅଭ୍ୟୁଦୟ ଓ ଜୀବନର ନୂତନ ଅର୍ଥ ବହନ କରୁଥିବା ଏକ ଉର୍ଦ୍ଧ୍ୱମୁଖୀ ଚେତନା । ଶ୍ରୀ ଅରବିନ୍ଦ କହନ୍ତି ଯେ, ଯାହା ସେ ରଚନା କରିଛନ୍ତି ପରେ ଚେତନାର ଯେଉଁ ସ୍ତରରେ ସେ ଉପନୀତ ହୋଇଛନ୍ତି, ତାହାର ପୂର୍ଣ୍ଣାଙ୍ଗ ପରିପ୍ରକାଶ ନିମନ୍ତେ ପୂର୍ବଲେଖାକୁ ସଂଶୋଧିତ କରିଛନ୍ତି । ଚେତନାର ଉର୍ଦ୍ଧ୍ୱତର ସ୍ତରକୁ ପୂର୍ବ ବକ୍ତବ୍ୟକୁ ଉତ୍‌ଥିତ କରାଇଛନ୍ତି । ସେହି ଦୂରଦ୍ରଷ୍ଟା ଭବିଷ୍ୟତର କବିତାକୁ କବି-ମାନସକନ୍ୟା ରୂପେ ଅବଲୋକନ କରି ନାହାନ୍ତି । ସେ ତାକୁ ଦେଇଛନ୍ତି ଏକ ବୈଦିକ ମନ୍ତ୍ରର ଉଚ୍ଚାସନ । ଶ୍ରୀ ଅରବିନ୍ଦଙ୍କ ତାଙ୍କ କବିତାରେ ସେହି ରୂପାନ୍ତରୀକରଣ ପରିପ୍ରକାଶ କରିଛନ୍ତି । କବି - ମାନସପୁତ୍ରୀରୁ ଏକ ଦୈବିକ ଅନୁଭବ, ସତ୍ୟର ବୀଜଧାରଣକାରୀ ଏକ ଦୈବ ପ୍ରେରଣାର କାବ୍ୟିକ ଉଚ୍ଚାରଣ - ତାଙ୍କର 'ସାବିତ୍ରୀ' ନିମନ୍ତେ ଏହାହିଁ ଥିଲା ମନଯୋଗ । ପାତିବ୍ରତ୍ୟ ଓ ପବିତ୍ରତାର ସେହି ସ୍ମରଣୀୟ କାହାଣୀ ପରିବର୍ତ୍ତିତ ହୋଇଛି ମୃତ୍ୟୁ ଉପରେ ମାନବର ବିଜୟର ଏକ ମହନୀୟ ଗାଥାରେ । ବିଭୁକୃପାରେ ଧରାପୃଷ୍ଠରେ ଦେବାବତାର ଅବତୀର୍ଣ୍ଣ ହୋଇ ମାନବ ଜାତି ପକ୍ଷରୁ ମୃତ୍ୟୁ ଅଧିପତିଙ୍କ ସହ କରିଛନ୍ତି ସଂଗ୍ରାମ । ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କର ଆଧ୍ୟାତ୍ମିକ ମହାଅନ୍ୱେଷା, ବିଭୁ-ବିଜ୍ଞାନ ସାଧନା, ଅତିମାନସ ଚିନ୍ତନ, ଚେତନାର ନବ ବିବର୍ତ୍ତନ, ଗୁପ୍ତଜ୍ଞାନ ଓ ପରିଶେଷରେ ଜୀବନର ସତ୍ ରୂପାନ୍ତରୀକରଣ - ମୃତ୍ୟୁରୁ ଜୀବନ, ଅନ୍ଧକାରରୁ ଆଲୋକ, ଅସଞ୍ଚାରୁ ସଞ୍ଚାର ଉପଲବ୍ଧି ସେହିପରି ଏକ ମହାସଂଗ୍ରାମ । ସମଗ୍ର ବିଶ୍ୱର ଧର୍ମ ଓ ଆଧ୍ୟାତ୍ମିକତାର ପରମ୍ପରା ମନୁଷ୍ୟର ପୃଥିବୀ ପ୍ରତି ବିରାଗଭାବ ଜାତ ହେବା ପାଇଁ ପରାମର୍ଶ ଦେଇ ଆସିଛନ୍ତି । କାରଣ ଏହି ପୃଥିବୀ ମୃତ୍ୟୁ, ତାମସିକତାର ଭୂମି । ଏହାର ଉର୍ଦ୍ଧ୍ୱରେ ରହିଛି ମୁକ୍ତି, ନିର୍ବାଣ, ବ୍ରହ୍ମ, ସଚ୍ଚିଦାନନ୍ଦର ଉପଲବ୍ଧି । ଏପରିକି ଖ୍ରୀଷ୍ଟୟାନ ଓ ଇସଲାମିକ ଧର୍ମରେ ଉଲ୍ଲିଖିତ, ଈପ୍‌ସିତ ଲକ୍ଷ୍ୟ - ସ୍ୱର୍ଗ । ଶ୍ରୀ ଅରବିନ୍ଦ ଏପରି ଚିନ୍ତାଧାରାକୁ ପ୍ରତିହତ କରିବା ପାଇଁ ଦେଇଛନ୍ତି ଏକ ବୈପ୍ଳବିକ ଆହ୍ୱାନ । ଔପନିଷଦିକ ଋଷି କଣ୍ଠରୁ ନିଃସୃତ ବାଣୀ - ସକଳ ପୂର୍ଣ୍ଣତା ଲାଭ କରିପାରିବା ) ଦ୍ୱାରା ଉଦ୍‌ବୁଦ୍ଧ ହୋଇ, ସେ ମାନବର ଚେତନା ନୁହେଁ - ଏହା ଏକ ଦେବଭୂମି - ପ୍ରାଣୀର ସକଳ କର୍ମ, ସମଗ୍ର ଜୀବନ ପାଇଁ ଏକ ଈଶ୍ୱର ପ୍ରଦତ୍ତ ମାଧ୍ୟମ । 'ସାବିତ୍ରୀ' ମହାକାବ୍ୟ ଏହି ସତ୍ୟର ଉଦ୍‌ଘୋଷକ, ମାନବ ସଭ୍ୟତାର ବିକାଶ ଓ ପରମ୍ପରାରେ 'ପ୍ରେମ ଓ ମୁକ୍ତି'ର ଏକ ବିସ୍ତୃତ ପରିବେଶ, ଏକ ବିପୁଳ ସତ୍ୟର ଆଦର୍ଶ ସ୍ଥାପନା ନିମନ୍ତେ ମାନବ ଚେତନା ନିକଟରେ ବିଶ୍ୱାତ୍ମା ଶ୍ରୀ ଅରବିନ୍ଦଙ୍କର ଏହା ଏକ ସାର୍ବଜନୀନ ଆବେଦନ । କିପରି ବସ୍ତୁ ସହିତ ଆତ୍ମାର ସଂଯୋଗ ସ୍ଥାପିତ ହୋଇପାରିବ, କିପରି ପ୍ରାଜ୍ଞଜନଗଣ ଶୟନ, ସ୍ୱପନ, ଜାଗରଣରେ ଈଶ୍ୱରଙ୍କୁ ନିଜ ସତ୍ତାରେ ସ୍ଥାନିତ କରିପାରିବେ, କିପରି ଏହି ସମସ୍ତ କ୍ରିୟା ରୂପାନ୍ତରୀକରଣର ଏକ ଦିବ୍ୟ ମୁହୂର୍ତ୍ତରେ ସଂଘଟିତ ହେବ, କିପରି ମୃତ୍ୟୁ ଉପରେ ବିଜୟ ସାଧିତ ହେବ, କିପରି ଈଶ୍ୱରଙ୍କର ଔଜଲ୍ୟମୟ ସତ୍ତା ନିକଟରେ ମୃତ୍ୟୁରାଜଙ୍କର ନିର୍ମୋକ ସ୍ଖଳିତ ହେବ - ଏହି ସମସ୍ତ ଚିରନ୍ତନ ସତ୍ୟ ଓ ପ୍ରଶ୍ନର ସମାଧାନ ନିମନ୍ତେ 'ସାବିତ୍ରୀ' - ଏକ ଆଧ୍ୟାତ୍ମିକ, ସ୍ୱୀକାର ସୂଚକ ଭାବାତ୍ମକ ମହାକାବ୍ୟ ।

*କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ, ଦୂରଭାଷ : ୮୨୬୦୪୦୮୮୩୬*

# କୋଲେଷ୍ଟ୍ରୋଲକୁ ସାବଧାନ

**ଦେଶର ପ୍ରାୟ ୩୦ ପ୍ରତିଶତ ଲୋକ ହାଇ କୋଲେଷ୍ଟ୍ରଲ ସମସ୍ୟାରେ ପୀଡିତ । ଏଥି ମଧ୍ୟରୁ ଅନେକ ଲୋକ ନିଜ ସ୍ୱାସ୍ଥ୍ୟର ସ୍ଥିତି ସମ୍ପର୍କରେ ସଠିକ ଭାବେ କିଛି ଜାଣି ନାହାନ୍ତି । ଠିକ ସମୟରେ କୋଲେଷ୍ଟ୍ରଲର ଉପଚାର କରା ନଗଲେ ଏହା ହାର୍ଟ ଆଟାକ ଭଳି ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି କରିଥାଏ । ସବୁଠୁ ଅଧିକ ମେଦବହୁଳ ଲୋକ ରହୁଥିବା ଦେଶ ମଧ୍ୟରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି ।**

ଭାରତରେ ବିଗତ ଏକ ଦଶନ୍ଧୀକୁ ଲକ୍ଷ୍ୟ କରାଗଲେ ଜଣାଯାଏ କି ଦେଶରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ବଢ଼ି ଚାଲିଛି । ବର୍ତ୍ତମାନ ଅଳ୍ପ ବୟସରେ ମଧ୍ୟ ଡାଇବେଟିସ ଓ ହାର୍ଟ ଆଟାକ ଭଳି ଅନେକ ସମସ୍ୟା ଦେଖା ଦେଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ମତରେ ଏଥି ନିମନ୍ତେ ହାଇ କୋଲେଷ୍ଟ୍ରଲ ଏକ ପ୍ରମୁଖ କାରଣ ଭାବେ ଉଭା ହୋଇଛି । ହାଇ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖି ନ ପାରିଲେ ଏହା ହାର୍ଟ ଆଟାକ ଓ ଷ୍ଟ୍ରୋକ ଭଳି ବିଭିନ୍ନ ରୋଗର କାରଣ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମନ୍ତବ୍ୟ ଦେଇଛନ୍ତି ।

ଦେଶର ପ୍ରାୟ ୩୦ ପ୍ରତିଶତ ଲୋକ ହାଇ କୋଲେଷ୍ଟ୍ରଲ ସମସ୍ୟାରେ ପୀଡିତ । ଏଥି ମଧ୍ୟରୁ ଅନେକ ଲୋକ ନିଜ ସ୍ୱାସ୍ଥ୍ୟର ସ୍ଥିତି ସମ୍ପର୍କରେ ସଠିକ ଭାବେ କିଛି ଜାଣି ନାହାନ୍ତି । ଠିକ ସମୟରେ କୋଲେଷ୍ଟ୍ରଲର ଉପଚାର କରା ନଗଲେ ଏହା ହାର୍ଟ ଆଟାକ ଭଳି ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି କରିଥାଏ । ସବୁଠୁ ଅଧିକ ମେଦବହୁଳ ଲୋକ ରହୁଥିବା ଦେଶ ମଧ୍ୟରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି ।



କୋଲେଷ୍ଟ୍ରଲ ଆମ ଧମନୀରେ ଜମା ହୋଇ ରକ୍ତ ପ୍ରବାହରେ ବାଧା ସୃଷ୍ଟି କରିଥାଏ, ଯାହା ଫଳରେ ହୃଦୟ ନିକଟରେ ଉପଯୁକ୍ତ ପରିମାଣରେ ରକ୍ତ ପହଞ୍ଚିପାରି ନଥାଏ । ଯାହା ହାର୍ଟ ଆଟାକର ଏକ ପ୍ରମୁଖ କାରଣ । ତେଣୁ ସମସ୍ତେ ଏହା ବିଷୟରେ ଜାଣିବାର ଆବଶ୍ୟକତା ରହିଛି । ମହିଳା ମାନଙ୍କ ତୁଳନାରେ ପୁରୁଷ ମାନଙ୍କ କ୍ଷେତ୍ରରେ କୋଲେଷ୍ଟ୍ରଲ ହେବାର ସମ୍ଭାବନା ଅଧିକ ରହିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ମତରେ ରକ୍ତରେ କୋଲେଷ୍ଟ୍ରଲର ମାତ୍ରା ୩୦୦ mg/dL ରୁ ଅଧିକ ରହିଲେ ହାର୍ଟ ଆଟାକର ସମ୍ଭାବନାକୁ ଦୁଇଗୁଣ ଅଧିକ କରିଥାଏ । ଯେଉଁ ଲୋକମାନେ ମଦ୍ୟପାନ କିମ୍ବା ଧୂମପାନ କରିଥାନ୍ତି ସେମାନଙ୍କ କ୍ଷେତ୍ରରେ ହାଇ କୋଲେଷ୍ଟ୍ରଲ ହେବାର ସମ୍ଭାବନା ବହୁତ ଅଧିକ ରହିଥାଏ ।

ଅନୁପଯୁକ୍ତ ଦିନଚର୍ଯ୍ୟା ଓ ଖାଦ୍ୟ ଗ୍ରହଣରେ ଅନିୟମିତତା କରିବା ଦ୍ୱାରା କୋଲେଷ୍ଟ୍ରଲ ହେବାର ସମ୍ଭାବନା ବଢି ଯାଇଥାଏ । ଯଦି ଆପଣ ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ କରିବା ସହ ଶାରୀରିକ ଗତିବିଧି କମ କରୁଛନ୍ତି କିମ୍ବା ଆପଣଙ୍କ ଶାରୀରିକ ଓଜନ ଅଧିକ ରହୁଛି ତେବେ ଏହା ହାଇ କୋଲେଷ୍ଟ୍ରଲକୁ ବଢାଇବାରେ ସାହାଯ୍ୟ କରିଥାଏ । ଲାଲ ମାଂସ, ଲହୁଣୀ ଯୁକ୍ତ ଡାଏରୀ ଉତ୍ପାଦ, କ୍ରିମ କିମ୍ବା ଟ୍ରାନ୍ସଫ୍ୟାଟ ଯୁକ୍ତ ଖାଦ୍ୟର ଅଧିକ ସେବନ କରିବା ଦ୍ୱାରା କୋଲେଷ୍ଟ୍ରଲ ବଢିଥାଏ ।

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିବାକୁ ଆପଣ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ଖାଦ୍ୟ ଖାଇବା ଆରମ୍ଭ କରନ୍ତୁ ।

ବିନ୍ସ, ଡାଲି, ଫଳମୂଳ ସହ ତନ୍ତୁଜାତୀୟ ପନିପରିବା ଖାଆନ୍ତୁ । ଆଭାକାଡୋ, ତୈଳବୀଜ ସହ ପ୍ରକ୍ରିୟାକୃତ ହୋଇ ନଥିବା ଯେକୌଣସି ତେଲର ବ୍ୟବହାର କୋଲେଷ୍ଟ୍ରଲକୁ ବଢିବାରୁ ରୋକିବା ସହ ହୃଦୟର ସ୍ୱାସ୍ଥ୍ୟ ଠିକ ରଖିବାରେ ସାହାଯ୍ୟ କରିଥାଏ । ଉତ୍ତମ ଆହାର ସାଙ୍ଗକୁ ଚାଲିବା, ଦଉଡିବା, ସାଇକେଲ ଚଲେଇବା ଓ ବ୍ୟାୟାମ ଭଳି ବିଭିନ୍ନ ଶାରୀରିକ ଗତିବିଧି ଯୁକ୍ତ କାର୍ଯ୍ୟ କରିବା କୋଲେଷ୍ଟ୍ରଲକୁ କମ କରିବା ସହ ରକ୍ତଚାପ କମ ରଖିଥାଏ ।

## ପେଟ ବଢିବା ସମସ୍ୟା ନେଇ ଚିନ୍ତିତ କି ?



ମୋଟାପଣ ସମସ୍ତଙ୍କ ପାଇଁ ଏକ ଚିନ୍ତାର କାରଣ ହୋଇଛି । ପେଟ ବଢିବା ଆଉ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି । ପେଟରେ ଚର୍ବି ସମସ୍ୟାକୁ ନେଇ ଅନେକ ଲୋକ ଚିନ୍ତାରେ ରହିଥାନ୍ତି । ପେଟ କମାଇବାକୁ ବିଭିନ୍ନ ତରିକା ଆପଣେଇଥାନ୍ତି ହେଲେ ସଫଳ ହୁଅନ୍ତି ନାହିଁ । ଆମେ ଆପଣଙ୍କୁ ଏମିତି ଏକ ଡ୍ରିଙ୍କ ବିଷୟରେ କହିବୁ ଯାହାକୁ ପିଇବା ଦ୍ୱାରା ଗୋଟିଏ ସପ୍ତାହରେ ପେଟରେ ଚର୍ବି ସମସ୍ୟାରୁ ମୁକ୍ତି ମିଳିବ । ଜାଣନ୍ତୁ କଣ ସେହି ମର୍ଣ୍ଣିଂ ଡ୍ରିଙ୍କ୍ ।

ପ୍ରତିଦିନ ସକାଳେ ଖାଲି ପେଟରେ ଆମେ ଆପଣଙ୍କୁ କହୁଥିବା ଏକ ମର୍ଣ୍ଣିଂ ଡ୍ରିଙ୍କ ପିଅନ୍ତୁ । ଯାହା ପେଟ କମାଇବାରେ ଏହା ସାହାଯ୍ୟ କରିବ । ପ୍ରଥମେ ଏକ ପାତ୍ରରେ ଦୁଇ କପ୍ ପାଣି ନିଅନ୍ତୁ । ସେଥିରେ ଲେମ୍ବୁ ପକାନ୍ତୁ । ସେଥିରୁ ଅଧା ଚାମଚ ଲବଙ୍ଗ ପାଉଡର, ମରିଚ ଗୁଣ୍ଡ ଓ ଅଦା ପକାନ୍ତୁ । ଏହାକୁ କିଛି ସମୟ ଫୁଟାନ୍ତୁ । ଏହାପରେ ପ୍ରତିଦିନ ସକାଳୁ ଏହାକୁ ପିଅନ୍ତୁ ଦେଖିରେ ସପ୍ତାହରେ ଶରୀର ପରିବର୍ତ୍ତନ ଦେଖିବାକୁ ମିଳିବ । ଏହି ଡ୍ରିଙ୍କ୍ ପିଇବା ଦ୍ୱାରା ପେଟ ଚର୍ବିରୁ ଆପଣଙ୍କୁ ମୁକ୍ତି ମିଳିବ । ଏବେ ବାହାଘର ସିଜିନ ଚାଲିଛି । ତେଣୁ ଏବେଠୁ ନିଜ ଡ୍ରିଙ୍କରେ ଏହାକୁ ସାମିଲ କରନ୍ତୁ । ବାହାଘରରେ ନିଜ ପସନ୍ଦର ଡ୍ରେସ ପିନ୍ଧି ଉପଭୋଗ କରନ୍ତୁ ।

## ଅବାଞ୍ଛିତ ଗର୍ଭଧାରଣ

ଜଣେ ନାରୀର ଜୀବନର ସଫଳତା ଭରି ରହିଥାଏ ଗର୍ଭଧାରଣରେ । ସନ୍ତାନ ପ୍ରାପ୍ତି ପାଇଁ ନାରୀଟି ଅନେକ ସ୍ୱପ୍ନ ଦେଖିଥାଏ ଏବଂ ଏକ ପ୍ରକାର ସାର୍ଥକ ଜୀବନର ଅନ୍ତର୍ନିହିତ ଆନନ୍ଦ ଭରି ରହିଥାଏ ମାତୃତ୍ୱରେ । ତେବେ ଅବାଞ୍ଛିତ ଗର୍ଭଧାରଣ ନାରୀର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ସାମାନ୍ୟ ଭୁଲ ମାତ୍ରକେ ଏ ନେଇ ଅନେକ ଅସୁବିଧାକୁ ସାମ୍ନା କରିବା ସହ ସ୍ୱାସ୍ଥ୍ୟଗତ ବିପଦ ରହିଥାଏ ଏବଂ ଏହାର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ପଡ଼ିବାର ସମ୍ଭାବନା ରହିଥାଏ । ଗର୍ଭନିରୋଧକ ଔଷଧ ଖାଇବାରେ ଅନିୟମିତତା ହିଁ ଅବାଞ୍ଛିତ ଗର୍ଭଧାରଣର ମୁଖ୍ୟ କାରଣ । ଆପଣ ପ୍ରତିଦିନ ଗର୍ଭନିରୋଧକ ଔଷଧ ଖାଉଛନ୍ତି, ହେଲେ ମଝିରେ ଭୁଲି ଯାଇ ଦିନେ କି ଦୁଇଦିନ ଔଷଧ ଖାଇନାହାଁନ୍ତି, ତାପରେ ଖାଇଛନ୍ତି । ଏହାଦ୍ୱାରା ମଧ୍ୟ ଆପଣ ଗର୍ଭଧାରଣର ଶିକାର ହୋଇପାରନ୍ତି । ଅନ୍ୟ ଏକ ଭୁଲ ହେଉଛି ଅସୁରକ୍ଷିତ ସେକ୍ସ ଜୀବନ ବିତାଇଛନ୍ତି ହେଲେ ଦୁଇ ଦିନ ପର୍ଯ୍ୟନ୍ତ ଗର୍ଭନିରୋଧକ ଔଷଧ ଖାଇନାହାଁନ୍ତି, ତେବେ ଗର୍ଭଧାରଣର ଶିକାର ହୋଇପାରନ୍ତି । ଗର୍ଭନିରୋଧକ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ଯଦି ଆପଣଙ୍କର ବାନ୍ତି ହୋଇଯାଏ, ତେବେ ମଧ୍ୟ ଗର୍ଭଧାରଣର ଶିକାର ହୋଇପାରନ୍ତି । କାରଣ ବାନ୍ତି ହେବା ଦ୍ୱାରା ଆପଣଙ୍କ ଶରୀରରେ ଗର୍ଭନିରୋଧକ ଔଷଧ ଠିକ୍ ଭାବରେ କାମ କରିପାରେ ନାହିଁ ।

ଠିକ୍ ସମୟରେ ଔଷଧ ନଖାଇବା : ଦୁଇଟି ଟାବଲେଟ ଖାଇବା ମଧ୍ୟରେ ୨୪ ଘଣ୍ଟାରୁ ଅଧିକ ବ୍ୟବଧାନ ରହିବା ଅନୁଚିତ । ମନେରଖନ୍ତୁ, ଆପଣଙ୍କୁ ପ୍ରତିଦିନ ନିୟମିତ ସମୟରେ ହିଁ ଗର୍ଭନିରୋଧକ ଔଷଧ ଖାଇବା ଦରକାର । ଉଦାହରଣ ସ୍ୱରୂପ ଯଦି ଆପଣ ସକାଳେ ଟାବଲେଟ୍ ଖାଇବା ଆରମ୍ଭ କରିଛନ୍ତି, ତେବେ ପ୍ରତିଦିନ ସକାଳେ ହିଁ ଔଷଧ ଖାଆନ୍ତୁ । ନଚେତ୍ ଟାବଲେଟ୍‌ର ପ୍ରଭାବ କମ୍ ପଡ଼ିଥାଏ ।

ଔଷଧ ଖାଇବାର ଠିକ୍ ପରେ ଅସୁରକ୍ଷିତ ସେକ୍ସ : ଗର୍ଭନିରୋଧକ ଔଷଧ ଋତୁଚକ୍ରର ତୃତୀୟ କିମ୍ବା ପଞ୍ଚମ ଦିନରୁ ଆରମ୍ଭ କରିବାକୁ ପଡ଼ିଥାଏ । ଯଦି ଆପଣ ଋତୁଚକ୍ର ସମୟରେ ଏପରି ଭାବରେ ଗର୍ଭନିରୋଧକ ଔଷଧ ବ୍ୟବହାର କରୁଥାନ୍ତି, ତାହାଲେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଅସୁରକ୍ଷିତ ସେକ୍ସ ଜୀବନ ବିତାନ୍ତୁ ନାହିଁ । ନଚେତ୍ ଗର୍ଭଧାରଣର ଶିକାର ହୋଇପାରନ୍ତି ।

ଅଧିକ ତାପମାତ୍ରାରେ ଔଷଧ ରଖନ୍ତୁ ନାହିଁ । ଅଧିକ ତାପମାତ୍ରାରେ ଔଷଧ ରଖିଲେ, ତାର କ୍ଷମତା ହ୍ରାସ ହୋଇଥାଏ । ଫଳରେ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ । କୌଣସି ବାକ୍ସ କି କାର ଭିତରେ ରଖନ୍ତୁ ନାହିଁ । ସିଧା ଖରାପଡୁଥିବା ସ୍ଥାନରେ ମଧ୍ୟ ଔଷଧ ରଖନ୍ତୁ ନାହିଁ । ଏହା ସହିତ ୬ ମାସରୁ ଅଧିକ ସମୟ ଷ୍ଟୋର କରି ରଖନ୍ତୁ ନାହିଁ । ସବୁଠୁ ଭଲ ହେବ ଏକ ମାସ ପାଇଁ ଆବଶ୍ୟକ ଔଷଧ କିଣନ୍ତୁ । ଏହାପରେ ପୁନଃ କିଣନ୍ତୁ ।

**ଡାକ୍ତର କାନ୍ତୀ ନାୟକ**
**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ**

## ଗୋଲାପ ଜଳର ଉପକାରିତା

ଗୋଲାପ ଜଳ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏକ ଉପଯୋଗୀ ଜିନିଷ । ବଜାରରେ ମଧ୍ୟ ଏହା ସହଜରେ ଉପଲବ୍ଧ ହୋଇଥାଏ । ଆପଣ ଚାହିଲେ ଘରେ ମଧ୍ୟ ଏହାକୁ ସହଜରେ ପ୍ରସ୍ତୁତ କରିପାରିବେ । ଗୋଲାପ ପାଖୁଡ଼ାରୁ ପ୍ରସ୍ତୁତ ଏହି ପାଣି ଶରୀର ପାଇଁ ଉପକାରୀ । ଘର ଅଗଣାରେ ହେଉ ଅବା ଫୁଲଦାନିରେ ଶୋଭା ପାଉଥିବା ଗୋଲାପ ଘରର ସୌନ୍ଦର୍ଯ୍ୟକୁ ଯେପରି ବୃଦ୍ଧି କରାଏ ଗୋଲାପ ଜଳ ସେହିପରି ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ । ଏପରିକି ଏହି ଗୋଲାପ ଫୁଲରୁ ରୋଜ ଅଏଲ୍ ପ୍ରସ୍ତୁତ କରାଯାଇ ପରଫ୍ୟୁମ୍‌ରେ ବ୍ୟବହାର କରାଯାଏ । ଗୋଲାପ ଫୁଲରୁ ମଧ୍ୟ ଖାଦ୍ୟ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ରୂପେ ବ୍ୟବହାର କରାଯାଏ ।

ଗୋଲାପ ଜଳ ମୁହଁ, କେଶ ଓ ଶରୀର ପାଇଁ ଏକ ବରଦାନ ସଦୃଶ । ଏହି ଗୋଲାପ ଜଳକୁ ବ୍ୟବହାର କରି କିପରି ଆପଣ ନିଜର ଆଖି, କେଶ ଓ ଚର୍ମର ଯତ୍ନ ନେଇପାରିବେ ସେ ବିଷୟରେ ଜାଣନ୍ତୁ ।

**ଚର୍ମ :**

◆ ଗୋଲାପ ଜଳ ଏକ ପ୍ରାକୃତିକ ଟୋନର୍ ଭଳି କାର୍ଯ୍ୟ କରିଥାଏ । ସେଥିପାଇଁ ୨-୪ବୁନ୍ଦା ଗୋଲାପ ଜଳକୁ ଏକ ତୁଳାରେ ନେଇ ମୁହଁ ଓ ବେକକୁ ପୋଛନ୍ତି । ଏହାଦ୍ୱାରା ଜମି ରହିଥିବା ଧୂଳି ଓ ମଇଳା ବାହାରିଯିବ । ମୁହଁ ପରିଷ୍କାର ଦେଖାଯିବ । ଏପରି ସବୁଦିନ ସକାଳେ ଓ ରାତିରେ କରିବା ଫଳରେ ମୁହଁରେ ଚମକ ଆସିବ । ଆପଣଙ୍କୁ ମଧ୍ୟ ହାଲ୍‌କା ଲାଗିବ ।

◆ ସତେଜତା ଅନୁଭବ କରିବା ପାଇଁ ଏବଂ ଏକ ସୁନ୍ଦର ସୁଗନ୍ଧ ପାଇବା ପାଇଁ ଗାଧୋଇବା ପାଣିରେ ୫-୬ ବୁନ୍ଦା ଗୋଲାପ ଜଳ ମିଶାନ୍ତୁ । ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ତ୍ୱଚାରେ ମଧ୍ୟ ଚମକ ଆସିବ ।

◆ ତ୍ୱଚା କୁଣ୍ଡାଇ ହେଉଥିଲେ ବା ଲାଲ୍ ଲାଲ୍ ଫଳି ଯାଉଥିଲେ ଗୋଲାପ ଜଳ ଲଗାଇଲେ କିଛି ସମୟ ପାଇଁ ଉପଶମ ମିଳିଥାଏ । ମୁହଁରେ ବ୍ରଣ ହେଉଥିଲେ ଗୋଲାପ ଜଳରେ ମୁହଁ ପୋଛନ୍ତି ।




**କେଶ :** କେବଳ ଚର୍ମ ପାଇଁ ନୁହେଁ କେଶରେ ମଧ୍ୟ ଗୋଲାପ ଜଳ ବ୍ୟବହାର କରିପାରିବେ । ଗୋଲାପ ଜଳରେ ମଶ୍ଚରାଇଜିଂ ଓ କଣ୍ଡିସନିଂ କରିବାର ପ୍ରାକୃତିକ ଉପାଦନ ରହିଛି । ସେଥିପାଇଁ ଏହାକୁ ବ୍ୟବହାର କରି କେଶକୁ ମଶ୍ଚରାଇଜିଂ ଓ କଣ୍ଡିସନିଂ କରିପାରିବେ ।

◆ କେଶ ଧୋଇବା ସମୟରେ ସାମ୍ପୁରେ ୨-୪ ବୁନ୍ଦା ଗୋଲାପ ଜଳ ମିଶାଇ ମୁଣ୍ଡ ଧୁଅନ୍ତୁ । ଏହାଦ୍ୱାରା କେଶ ନରମ ହେବା ସହ ଗୋଲାପ ଫୁଲର ସୁବାସ ଅଧିକ ସମୟ ଧାରି ରହିବ ।

◆ କେଶକୁ ଶୀଘ୍ର ଶୀଘ୍ର ବଢ଼ାଇବା ପାଇଁ ଚାହୁଥାନ୍ତି ତେବେ ମୁଣ୍ଡ ଧୋଇ ସାରିବା ପରେ ଅଧା କପ୍ ଗୋଲାପ ଜଳକୁ ମୁଣ୍ଡରେ ମାଲିସ୍ କରନ୍ତୁ ।

◆ ମୁଣ୍ଡରେ ରୁପ ହେଉଥିଲେ ଗୋଲାପ ଜଳରେ ଗ୍ଲିସେରିନ୍ ବା ମୁଲତାନି ମାଟି ମିଶାଇ ମୁଣ୍ଡରେ ଲଗାନ୍ତୁ । ଦେଖିବେ ନିଶ୍ଚିତ ରୂପେ ଉପଶମ ମିଳିବ ।

◆ ଗୋଲାପ ଫୁଲରୁ ପ୍ରସ୍ତୁତ ରୋଜ୍ ଅଏଲ୍‌କୁ କେଶରେ ଲଗାଇବା ଦ୍ୱାରା କେଶ ମଧ୍ୟ ସୁସ୍ଥ ରହେ ।

**ଆଖି :** ଆଖି ଉପରେ କୌଣସି କ୍ରିମ୍, ଫେସ୍‌ପ୍ୟାକ୍ ଲଗାଇବା ପାଇଁ ମନା କରାଯାଏ । କାରଣ ଏହା ଏହା ଆଖିକୁ କ୍ଷତି ପହଞ୍ଚାଇ ପାରେ । କିନ୍ତୁ ଆଖିରେ ଗୋଲାପ ଜଳ ବ୍ୟବହାର କରିବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ନାହିଁ । ବରଂ ଏକ ଔଷଧ ରୂପେ କାର୍ଯ୍ୟ କରିଥାଏ । ଆଖି ପାଇଁ ଆୟୁର୍ବେଦର ଶୁଦ୍ଧ ଗୋଲାପ ଜଳ ବ୍ୟବହାର କରନ୍ତୁ ।

◆ ଆଖିକୁ ଆରାମ ଓ ଥଣ୍ଡା ଲାଗିବା ପାଇଁ ଗୋଲାପ ଜଳରେ ତୁଳାକୁ ଭିଜାନ୍ତୁ । ଏହାକୁ ଆଖି ଉପରେ ରଖନ୍ତୁ ।

◆ ଆଖି ଲାଲ୍ ପଡ଼ିଥିଲେ, କୁଣ୍ଡାଇ ହେଉଥିଲେ, ଧୂଳି ବା କୀଟପତଙ୍ଗ ପଡ଼ିଥିଲେ ଦୁଇ ବୁନ୍ଦା ଗୋଲାପ ଜଳ ଆଖିରେ ପକାନ୍ତୁ । କିଛି ସମୟ ଆଖି ବନ୍ଦ କରି ରଖନ୍ତୁ । ଦେଖିବେ ଆପଣଙ୍କୁ ଆରାମ ଲାଗିବ । ଏପରି କରିବା ଦ୍ୱାରା ଆଖି ମଧ୍ୟ ସଂକ୍ରମିତ ହେବନାହିଁ ।

◆ ଆଖି ତଳ କଳା ପଡ଼ିଥିଲେ ବା ଡାର୍କ ସର୍କଲ୍ ହୋଇଥିଲେ ଗୋଲାପ ଜଳ ଲଗାନ୍ତୁ ।

◆ ଆଖି ଥକ୍କା ଲାଗୁଥିଲେ ଚନ୍ଦନ ପାଉଡରରେ ଗୋଲାପ ଜଳ ମିଶାଇ ଆଖିପତାରେ ଲଗାନ୍ତୁ । ଲଗାଇବାର ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ ।

*ଅପର୍ଣ୍ଣା ନାୟକ*
*ମେନ ସାଗର ପାନ ରୋଡ଼, ନଂ-୩,*
*ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,*
*ନୂଆଦିଲ୍ଲୀ, ପିନ-୧୧୦୦୪୬*

## ଶରୀରରେ ଭିଟାମିନ୍-ଇ'ର ଅଭାବ ଅଛି କି ? ଦେଖାଦିଏ ଏହି ସବୁ ଲକ୍ଷଣ

ଭିଟାମିନ୍-ଇ' ଶରୀର ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ, ଯାହା କୋଷିକାଗୁଡିକୁ ଫ୍ରି-ରେଡିକଲ୍ସରୁ ରକ୍ଷା କରିଥାଏ । ଇମ୍ୟୁନିଟିକୁ ବଢାଇବା ସହ ରକ୍ତ ଜମିବାରୁ ରକ୍ଷା କରିଥାଏ । ଏହି ଭିଟାମିନ୍‌ର ଅଭାବ ଗମ୍ଭୀର ସମସ୍ୟାର କାରଣ ସାଜିଥାଏ । ଏହି




ଭିଟାମିନ୍‌ର ଅଭାବ ଗମ୍ଭୀର ସମସ୍ୟାର କାରଣ ସାଜିଥାଏ । ସୁସ୍ଥ ରହିବା ପାଇଁ କେତେକ ପୋଷକ ତତ୍ତ୍ୱ ଆବଶ୍ୟକ ହୋଇଥାଏ । ଭିଟାମିନ୍-ଇ' ଏସବୁ ପୋଷକ ତତ୍ତ୍ୱ ମଧ୍ୟରୁ ଅନ୍ୟତମ । ଏହାର ଅଭାବରୁ ଶରୀରରେ ଅନେକ ଲକ୍ଷଣ ଦେଖିବାକୁ ମିଳିଥାଏ ।

ନିସ୍ତେଜତା ସହ ଝିମ୍‌ଝିମ୍ ଲାଗିବା :

ଶରୀରରେ ଭିଟାମିନ୍-ଇ'ର ଅଭାବ ଯୋଗୁ ପେରିଫେରାଲ୍ ନ୍ୟୁରୋପାଥି ହୋଇପାରେ । ଏହା ଏମିତି ଏକ ଅବସ୍ଥା, ଯେଉଁଥିରେ ବ୍ୟକ୍ତିର ହାତ ଓ ପାଦରେ ନିସ୍ତେଜତ ଅନୁଭବ ହୋଇଥାଏ । ଏପରି ହେବାର କାରଣ ସ୍ନାୟୁଗୁଡିକ ଦୁର୍ବଳ ହୋଇପଡିଥାନ୍ତି ।

ଦୁର୍ବଳ ଇମ୍ୟୁନିଟି :

ଭିଟାମିନ୍-ଇ ଟି-ସେଲ ବଢାଇବା ସହ ଶରୀରର ଇମ୍ୟୁନିଟିକୁ ବଢାଇବାରେ ସହଯୋଗ କରିଥାଏ, ଯାହା ସଂକ୍ରମଣକୁ ଦୂରେଇ ରଖିଥାଏ । କିନ୍ତୁ ଭିଟାମିନ୍ ଇ'ର ଅଭାବ ଯୋଗୁ ଇମ୍ୟୁନିଟି ଠିକ୍ ଭାବେ କାମ କରିପାରି ନଥାଏ, ତେଣୁ ସଂକ୍ରମଣ ବଢିଥାଏ ।

ଦୁର୍ବଳ ମାଂସପେଶୀ :

ଶରୀରରେ ଭିଟାମିନ-ଇ'ର ଅଭାବ ହେଲେ ମାଂସପେଶୀରେ ଅକ୍ସିଡେଟିଭ୍ ଷ୍ଟ୍ରେସ୍ ହୋଇପାରେ । ଏହି ସମସ୍ୟା ସେତେବେଳେ ହୁଏ, ଯେତେବେଳେ ଶରୀରରେ ଫ୍ରି-ରେଡିକଲ୍ସ ଓ ଆଣ୍ଟି-ଅକ୍ସିଡାଣ୍ଟସ୍ ମଧ୍ୟରେ ସନ୍ତୁଳନ ନ ରୁହେ । ଏହି ଅକ୍ସିଡେଟିଭ୍ ଷ୍ଟ୍ରେସ୍ ଯୋଗୁ ମାଂସପେଶୀ ଦୁର୍ବଳ ହୋଇଚାଲେ ।

କାର୍ଡିଓଲୋଜି ସମସ୍ୟା :

ଭିଟାମିନ୍-ଇ' ଅଭାବରୁ ମସ୍ତିଷ୍କରେ ପାକି ର୍ନେଜେ ନ୍ୟୁରାନ୍ସ ଭାଙ୍ଗିଯାଇପାରେ । ଏହି ନ୍ୟୁରାନ୍ସ ମଣିଷ ପାଇଁ ଖୁବ୍ ଜରୁରି । ଏହା କାଡି ର୍ନେସନ୍ ଓ ବେଗ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ପାଦରେ ଦେଖାଦିଏ ମଧୁମେହର ଲକ୍ଷଣ

ବିଶ୍ୱରେ ବଢିଚାଲିଛି ମଧୁମେହ ଚିନ୍ତା । ଦେଶର ଅର୍ଦ୍ଧାଧିକ ଲୋକ ମଧୁମେହରେ ପୀଡିତ । ଏହି ରୋଗର ନିରାକରଣ ସମ୍ଭବ ନୁହେଁ । କେବଳ ନିୟନ୍ତ୍ରଣ କରାଯାଇପାରିବ । ଏହି ରୋଗ ହେବା ପରେ ରକ୍ତରେ ଶର୍କରା ସ୍ତର ବଢିଯାଇଥାଏ, ଯାହାକୁ ନିୟନ୍ତ୍ରଣ କରା ନଗଲେ ଶରୀରର ଅନ୍ୟ ଅଙ୍ଗ ନଷ୍ଟ ହୋଇପାରେ । ଏହାର କିଛି ଲକ୍ଷଣ ପାଦରେ ଦେଖିବାକୁ ମିଳିଥାଏ, ଏହାକୁ ଅଣଦେଖା କରିବା ହାନିକାରକ ହୋଇପାରେ । ମଧୁମେହ ହେବା ଦ୍ୱାରା ବ୍ୟକ୍ତି ଶରୀରରେ ଇନ୍‌ସୁଲିନ୍ କମିଯାଏ କିମ୍ବା ଠିକ୍ ଭାବେ ଉପଯୋଗ ହୋଇପାରେନା । ଫଳରେ ରକ୍ତରେ ଶର୍କରା ସ୍ତର ବଢିଥାଏ । ରକ୍ତରେ ଶର୍କରା ସ୍ତର ବଢିବା କ୍ଷତିକାରକ ହୋଇପାରେ । ଏହା ଶରୀରର ଅନ୍ୟ ଅଙ୍ଗକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ ।



ମଧୁମେହ କାରଣରୁ ଡାଇବେଟିକ୍ ନ୍ୟୁରୋପାଥି ହୋଇଥାଏ, ଯାହାଦ୍ୱାରା ସ୍ନାୟୁ ନଷ୍ଟ ହୋଇଚାଲେ । ସେହିପରି ରୋଟିନୋପାଥି, ଯାହା ଆଖିର ସ୍ନାୟୁକୁ କ୍ଷତି ପହଞ୍ଚାଇଥାଏ । ଏହାବ୍ୟତୀତ କିଡ୍‌ନୀ ରୋଗ, ହାର୍ଟ ଆଟାକ୍, ଗଲ୍ ବ୍ଲାଡର ଆଦି ସମସ୍ୟା ଆସିପାରେ । କେବଳ ସେତିକି ନୁହେଁ ମଧୁମେହ କାରଣରୁ ଚିନ୍ତା, ଆଙ୍ଗଜାଇଟି, ଦୁର୍ବଳ ରୋଗ ପ୍ରତରୋଧକ ଶକ୍ତି, ଅଷ୍ଟିଓ ପୋରସିସ୍ ପରି ରୋଗର ଆଶଙ୍କା ମଧ୍ୟ ବଢିଥାଏ । ମଧୁମେହରେ ହେଉଥିବ ସମସ୍ୟାରୁ ରକ୍ଷା ପାଇବା ପାଇଁ ରୋଗ ଉପରେ ନିୟନ୍ତ୍ରଣ ରଖିବା ଜରୁରି । ବିଶେଷଜ୍ଞଙ୍କ ମତରେ ମଧୁମେହର କିଛି ଲକ୍ଷଣ ପାଦରେ ମଧ୍ୟ ଦେଖିବାକୁ ମିଳିଥାଏ ।

ଶୋଷ ଲାଗିବା ଓ ଥକ୍କା ଲାଗିବା ମଧୁମେହର ଖୁବ୍ ସାଧାରଣ ଲକ୍ଷଣ । କିନ୍ତୁ ଏହା ଅନେକ ସମୟରେ ଜଣାପଡି ନଥାଏ । କିଛି ଲକ୍ଷଣ ପାଦରେ ଦେଖା ଦେଇଥାଏ, କିନ୍ତୁ ମଧୁମେହ ସହ ଏହାର ସମ୍ପର୍କ ଥିବା କଥା କେହି ଚିନ୍ତା କରି ନ ଥାନ୍ତି । ମଧୁମେହ ରୋଗୀଙ୍କ ପାଦରେ କୌଣସି ଖଣ୍ଡିଆ ବା ଘା' ହେଲେ ତାହା ସହଜରେ ଶୁଖି ନଥାଏ । ବରଂ ଧିରେ ଧିରେ ବଢିଚାଲେ । ପାଦରେ ରଙ୍ଗରେ ପରିବର୍ତ୍ତନ, ଯାହା ରକ୍ତ ପ୍ରବାହ ନ ହେବା କାରଣରୁ ହୋଇଥାଏ । ଫଙ୍ଗାଲ୍ ଇନ୍‌ଫେକ୍ସନ, ଏହା ମଧ୍ୟ ମଧୁମେହ ରୋଗୀଙ୍କ ପାଦରେ ଦେଖା ଦେଇଥାଏ । ଏହା ସ୍ନାୟୁ ନଷ୍ଟ ହେବା କାରଣରୁ ହୋଇଥାଏ । କାରଣ ପାଦକୁ ଠିକ୍ ଭାବେ ରକ୍ତ ସଞ୍ଚାଳନ ହୋଇପାରି ନଥାଏ ।

ଏହାବ୍ୟତୀତ ମଧୁମେହ ରୋଗୀଙ୍କ ପାଦରେ ପ୍ରାୟତଃ ଝିମ୍‌ଝିମ୍ ହେବା କିମ୍ବା ସଲସଲ୍ ଅନୁଭବ ହୋଇଥାଏ । ଏହା ସ୍ନାୟୁ ନଷ୍ଟ ହେବାର କାରଣ ହୋଇପାରେ । ଏହି ରୋଗୀର ପାଦରେ ଆଘାତ ଲାଗିଲେ ମଧ୍ୟ ଜଣାପଡି ନଥାଏ । ଯାହାଦ୍ୱାରା ଅଜଣତାରେ ସଂକ୍ରମଣର ଆଶଙ୍କା ବଢିଥାଏ । ସେହିପରି ମଧୁମେହ ରୋଗୀର ପାଦର ରଙ୍ଗ ଓ ଟେକ୍ସଚର ମଧ୍ୟ ବଦଳି ଯାଇଥାଏ । ଏମାନଙ୍କ ପାଦ ଅଧିକ ରୁକ୍ଷ ହେବା ସହ ଫାଟିଥାଏ । ଠିକ୍ ଭାବେ ରକ୍ତ ସଞ୍ଚାଳନ ନ ହେବା କାରଣରୁ ଏପରି ହୋଇଥାଏ । ତେଣୁ ମଧୁମେହ ରୋଗୀ ନିଜ ପାଦର ଅଧିକ ଯତ୍ନ ନେବା ସହ ମଝିରେ ମଝିରେ ଡାକ୍ତର ପରୀକ୍ଷା କରାଇନେବା ଉଚିତ୍ । ମଧୁମେହ ରୋଗୀ ନିୟମିତ ବ୍ୟାୟାମ କରିବା, ସନ୍ତୁଳିତ ଆହାର ଖାଇବା, ଓଜନରେ ନିୟନ୍ତ୍ରଣ ରଖିବା ସହ ପାଦର ଖାସ୍ ଯତ୍ନ ନେବା ଜରୁରି । ପାଦରେ କିଛି ସମସ୍ୟା ଅନୁଭବ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇ ନେବା ଉଚିତ୍ । ସମସ୍ୟା ଜଣାପଡିଲେ ଡେରି ନ କରି ଚିକିତ୍ସା ଆରମ୍ଭ କରନ୍ତୁ ।



## କାହିଁକି କାନ୍ଦନ୍ତି ନବଜାତକ ?

ନବଜାତକ, ଆପଣଙ୍କ ଜୀବନ ଦୁନିଆର ନୂତନ ଆଗନ୍ତୁକ, ଅତିଥି ପ୍ରସ୍ଫୁଟିତ ସୁରଭିତ କୋମଳ । ଶିଶୁର ପ୍ରଥମ କୁଆଁ କୁଆଁ ଡାକରେ ମାଆଟିର କୋଳ ପୁରି ଉଠେ । ସବୁ କଷ୍ଟ ଭୁଲିଯାଇ ଜାବୁଡ଼ି ଧରିଥାଏ । ତେବେ ଜାଣିଛନ୍ତି ଯେ ବାସ୍ତବରେ ସବୁ ନବଜାତ ଶିଶୁ କାହିଁକି କାନ୍ଦିଥାନ୍ତି ? ସ୍ୱାସ୍ଥ୍ୟ ସଂରଚନାର ବ୍ୟବସ୍ଥା ଅନୁଯାୟୀ ଶିଶୁଟିର କାନ୍ଦିବା ହେଉଛି ସେ ଜୀବିତ ରହିଛି ଆଉ ଯେ ସୁସ୍ଥ ରହିଛି ଏହାର ବଡ଼ ପ୍ରମାଣ ତେଣୁ ନବଜାତ ଶିଶୁଟି କାନ୍ଦିବା ଅତ୍ୟନ୍ତ ବାଞ୍ଛନୀୟ । ଏହି କାନ୍ଦ ସହିତ ସେମାନଙ୍କ ଶାରୀରିକ ସୁସ୍ଥତା ଓ ଅଗ୍ରଗତି ନିର୍ଭର କରେ । ମୂଳ କଥାଟି ହେଉଛି ନଅ ମାସ ଧରି ମାତୃଗର୍ଭରେ ରହିବା ପରେ ପିଲାଟି ସମ୍ପୂର୍ଣ୍ଣ ଭାବେ ଭିନ୍ନ ଏକ ନୂଆ ଦୁନିଆକୁ ଆସିବା ପରେ ବାସ୍ତବିକ ଭାବେ ଏହି ଦୁନିଆର ଆବହାଓ୍ୱା ଓ ପରିବେଶ ସମ୍ପର୍କିତ ହୋଇ ଶ୍ୱାସପ୍ରଶ୍ୱାସ ନେବା ସେମାନଙ୍କୁ ଟିକିଏ ଯନ୍ତ୍ରଣାଦାୟକ ହୋଇଥାଏ । ତେଣୁ ସେ କାନ୍ଦିଥାଏ । କାନ୍ଦିବା ଦ୍ୱାରା ନବଜାତକର ହୃତପିଣ୍ଡ, ଫୁସଫୁସ ସଠିକ ଭାବେ କାର୍ଯ୍ୟରତ ଭାବେ ଜଣାଇଥାଏ । ନବଜାତକଙ୍କ ପାଇଁ ଦିନ ତମାମ ଭିତରେ ଦୁଇ ତିନି ଘଣ୍ଟା କାନ୍ଦିବା ଶରୀର ପାଇଁ ମଧ୍ୟ ଆବଶ୍ୟକ ହୋଇଥାଏ ।

ଚିକିତ୍ସା ବିଜ୍ଞାନ ଅନୁସାରେ ଯେତେବେଳେ ମା ଗର୍ଭରେ ଶିଶୁ ଥାଏ, ସେ ଏ ପ୍ୟାକେଟ ଭିତରେ ଥାଏ । ସେହି ପ୍ୟାକେଟ ଭିତରେ ଏକ ସ୍ୱତନ୍ତ୍ର ତରଳ ପଦାର୍ଥ ଥାଏ । ଗର୍ଭ ଭିତରେ ଶିଶୁର ଫୁସଫୁସ ତ ତିଆରି ହୋଇଯାଇଥାଏ ହେଲେ କାମ କରି ନଥାଏ । କାରଣ ସେତେବେଳେ ଜୀବିତ ରହିବା ଲାଗି ନାକ ଅବା ପାଟିରେ ଶ୍ୱାସକ୍ରିୟା କରିବାର ଆବଶ୍ୟକତା ନଥାଏ । ଫଳରେ ଏହି ଲିକ୍ୱିଡ ଶିଶୁର ଫୁସଫୁସକୁ ଚାଲିଯାଏ । ଯେବେ ଶିଶୁ ଜନ୍ମ ହୁଏ ଗର୍ଭରେ ତାକୁ ଜୀବିତ ରଖିଥିବା ଏହି ଲିକ୍ୱିଡ ଶିଶୁର ମୃତ୍ୟୁର କାରଣ ବି ହୋଇପାରେ । ତେଣୁ ଶିଶୁ ଜନ୍ମ ହେଉ ହେଉ ଡାକ୍ତର ପିଲାର ଦୁଇ ଗୋଡ ଧରି ଓଲଟା ଲଟକାଇ ଧରନ୍ତି । ଏଭଳି କରିବା ଦ୍ୱାରା ଫୁସଫୁସରେ ଜମିଥିବା ଲିକ୍ୱିଡ଼ ବାହାରିଯାଏ ଓ ଶିଶୁ ଶ୍ୱାସକ୍ରିୟା କରିବା ଆରମ୍ଭ କରି କାନ୍ଦିବା ଆରମ୍ଭ କରିଦିଏ । ଲିକ୍ୱିଡ଼ ଫୁସଫୁସରୁ ବାହାରଯିବା ପରେ ଫୁସଫୁସ କାମ କରିବା ଆରମ୍ଭ କରିଥାଏ, ଯାହାକି ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ କାମ କରିଚାଲେ । ଚିକିତ୍ସା ବିଜ୍ଞାନ ଅନୁସାରେ ଫୁସଫୁସ କାମ କରିବା ଲାଗି କାନ୍ଦିବା ଜରୁରୀ । ଅର୍ଥାତ୍ ଯଦି ଶିଶୁ ଜନ୍ମ ପରେ ଜୋରରେ କାନ୍ଦେ ତେବେ ଜଣାଯାଏ ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ । ଆଉ ଯଦି ଶିଶୁ ଧୀର ସ୍ୱରରେ କାନ୍ଦେ ତାହା ଦର୍ଶାଏ ଯେ ତାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଥାଇପାରେ । ଏବେ ପ୍ରଶ୍ନ ଆସେ ଶିଶୁ ହସିଲେ ବି ତ ଫୁସଫୁସ କାମ କରିବା ଆରମ୍ଭ କରିବ । ତେବେ ଶିଶୁ କାନ୍ଦେ କାହିଁକି ? ହସେନାହିଁ କାହିଁକି ? ତେବେ ଏହାର ଉତ୍ତର ପାଇବା ପାଇଁ ଗବେଷଣା ମଧ୍ୟ ଚାଲିଛି ।

ନବଜାତକ ଜଣେ ଭୂମିଷ୍ଠ ହେବାପରେ କାନ୍ଦିବାର ଘଟଣା କେବଳ ଆଜିର ସମୟର ନୁହେଁ । ପୁରାଣ ଯୁଗରୁ ମଧ୍ୟ ଶାସ୍ତ୍ର ଓ ଆଧ୍ୟାତ୍ମିକ ଗ୍ରନ୍ଥରେ ଉଲ୍ଲେଖ ରହିଛି । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଆଧ୍ୟାତ୍ମିକ ଚେତନା ରହିବା ସହ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ସଂରଚନାରେ ମଣିଷ ସୃଷ୍ଟି ବୋଲି ମଧ୍ୟ ଶାସ୍ତ୍ରରେ ଉଲ୍ଲେଖ ଅଛି । ତେବେ ଆଜିର ଚିକିତ୍ସା ବିଜ୍ଞାନର ସମୟରେ ନବଜାତକର କାନ୍ଦଟି ଅତ୍ୟନ୍ତ ଜରୁରୀ ଭାବେ ସମସ୍ତେ ବୁଝିବା କଥା । ତେବେ ଅନେକ କ୍ଷେତ୍ରରେ କେତେକ ଅନ୍ଧବିଶ୍ୱାସ ଓ ଗୁଣୀ ଗାରେଡିକୁ ନେଇ ଅନେକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥାଏ । ସରକାରୀ ଡାକ୍ତରଖାନାରେ ଆପଣଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତକର ଜନ୍ମ କରାଇବା ଉଚିତ । ବଡ଼ ମେଡ଼ିକାଲ ଓ ଶିଶୁ ଭବନ ବ୍ୟତୀତ ଉନ୍ନତମାନର ସ୍ୱାସ୍ଥ୍ୟ ସୁବିଧା ଦିଆଯାଉଥିବା ଜିଲ୍ଲାସ୍ତରୀୟ ଡାକ୍ତରଖାନା ମଧ୍ୟ ରହିଛି । ସରକାରୀ ଭାବେ ନବଜାତକଙ୍କ ପାଇଁ ଅନେକ ସହାୟତା ଓ ପ୍ରୋତ୍ସାହନ ସହ ବିନା ମୂଲ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷା ଓ ଚିକିତ୍ସା ପ୍ରଦାନ କରାଯାଉଛି ଏହାର ସୁଯୋଗ ନିଅନ୍ତୁ । ନବଜାତକର କାନ୍ଦିବା ସମସ୍ୟା ହେଉ ବା ଯେ କୌଣସି ସମସ୍ୟା ଏ ନେଇ ସାମାନ୍ୟତମ ଅସୁବିଧା ସାମ୍ନା କଲେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

*ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ*
*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର*

ମାତୃଭାଷା

# ଖେଳ ଖବର



ଡବ୍ଲ୍ୟୁଟିସି ୨୦୨୫-୨୭ କାର୍ଯ୍ୟସୂଚୀ ଘୋଷଣା

## ୧୮ ମ୍ୟାଚ୍ ଖେଳିବ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ:** ଦକ୍ଷିଣ ଆଫ୍ରିକା ବିଶ୍ୱମଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ୨୦୨୩-୨୫ ଟାଇଟଲ ଜିତିବାର ଗୋଟିଏ ଦିନ ପରେ, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଡବ୍ଲ୍ୟୁଟିସି) ଡବ୍ଲ୍ୟୁଟିସି ୨୦୨୫-୨୭ ର କାର୍ଯ୍ୟସୂଚୀ ଘୋଷଣା କରିଛି । ଏଥିରେ ୯ଟି ଦଳ ମଧ୍ୟରେ ମୋଟ ୭୧ଟି ମ୍ୟାଚ୍ ଖେଳାଯିବ । ଏହା ଜୁନ୍ ୧୭ ରୁ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ମ୍ୟାଚ୍ ଶ୍ରୀଲଙ୍କାର ଗାଲେରେ ଶ୍ରୀଲଙ୍କା ଏବଂ ବାଂଲାଦେଶ ମଧ୍ୟରେ ଖେଳାଯିବ ।

କାର୍ଯ୍ୟସୂଚୀ ଅନୁସାରେ, ଅଷ୍ଟ୍ରେଲିଆ ଏଥର ସର୍ବାଧିକ ୨୨ଟି ମ୍ୟାଚ୍ ଖେଳିବ । ଇଂଲଣ୍ଡକୁ ୨୧ଟି ମ୍ୟାଚ୍ ଖେଳିବାକୁ ପଡିବ । ଏହି ବର୍ଷ ଶେଷ ଭାଗରେ ଆଶେସ୍ ସିରିଜ୍ ସମୟରେ ଉଭୟ ଦଳ ପରସ୍ପର ସହିତ ମୁକାବିଲା କରିବେ । ଟିମ୍ ଇଣ୍ଡିଆ ଜୁନ୍ ୨୦ ରୁ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ୍ ସହିତ ତା'ର ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ୍ ଲିଡ୍ସରେ ଖେଳାଯିବ ।

ଶୁଭମନ ଗିଲଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ୨୦୨୫-୨୭ରେ ମୋଟ ୧୮ଟି ଟେଷ୍ଟ ମ୍ୟାଚ୍ ଖେଳିବ । ଏହା ଜୁନ୍ ୨୦ରୁ ଇଂଲଣ୍ଡ ବିପକ୍ଷରେ ୫ଟି ଟେଷ୍ଟ ସିରିଜ୍ ସହିତ ଆରମ୍ଭ ହେବାକୁ ଯାଉଛି । ଏହା ପରେ, ଟିମ୍ ଇଣ୍ଡିଆ ୱେଷ୍ଟଇଣ୍ଡିଜ୍, ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବ । ଏହା ବ୍ୟତୀତ, ଭାରତୀୟ ଦଳ ଶ୍ରୀଲଙ୍କା ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ ।

ଟିମ୍ ଇଣ୍ଡିଆ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୨୦୨୩-୨୫ରେ ତୃତୀୟ ସ୍ଥାନରେ ରହିଥିଲା । କିନ୍ତୁ ଏଥର ଏହାର ଅଧିକାଂଶ ମ୍ୟାଚ୍ ଘରୋଇ ଗ୍ରାଉଣ୍ଡରେ ହେବ । ତେଣୁ ଯେକୌଣସି ଉପାୟରେ ଟ୍ରଫି ଜିତିବାକୁ ଚାହିଁବ ଟିମ୍ ଇଣ୍ଡିଆ । ଏଥିରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଅଷ୍ଟ୍ରେଲିଆ । ଅଷ୍ଟ୍ରେଲିଆକୁ ଏଥର ଭାରତ ଗସ୍ତ କରିବାକୁ ପଡିବ । ଅଷ୍ଟ୍ରେଲିଆ ବିପକ୍ଷରେ ପାଞ୍ଚଟିକିଆ ଟେଷ୍ଟ ସିରିଜ୍ ଜିତି ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ଚେଷ୍ଟା କରିବ ଟିମ୍ ଇଣ୍ଡିଆ ।




**ଟିମ୍ ଇଣ୍ଡିଆର ମ୍ୟାଚ୍**

ଇଂଲଣ୍ଡ: ୫ ମ୍ୟାଚ୍
ୱେଷ୍ଟଇଣ୍ଡିଜ୍: ୨ ମ୍ୟାଚ୍
ଦକ୍ଷିଣ ଆଫ୍ରିକା: ୨ ମ୍ୟାଚ୍
ଅଷ୍ଟ୍ରେଲିଆ: ୫ ମ୍ୟାଚ୍
ଶ୍ରୀଲଙ୍କା: ୨ ମ୍ୟାଚ୍
ନ୍ୟୁଜିଲ୍ୟାଣ୍ଡ: ୨ ମ୍ୟାଚ୍

■ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିପାକ୍ଷିକ ସିରିଜ

## ଦିନିକିଆ ଓ ଟି-୨୦ କ୍ରୀଡ଼ାସୂଚୀ ଘୋଷଣା

**ନୂଆଦିଲ୍ଲୀ,୧୫।୬:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଆଗାମୀ ଦ୍ୱିପାକ୍ଷିକ ସିରିଜ ନେଇ କ୍ରୀଡାସୂଚୀ ଜାରି କରିଛି । ଏହା ୨୦୨୬ ଜାନୁଆରୀରେ ଭାରତରେ ଆୟୋଜିତ ହେବ । ନ୍ୟୁଜିଲାଣ୍ଡ ଭାରତ ଗସ୍ତରେ ଆସିବ । ଏଥିରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳାଯିବ । ଟେଷ୍ଟ କ୍ରିକେଟ ଓ ଟି-ଟ୍ୱେଣ୍ଟିରୁ ଅବସର ନେଇଥିବା ବିରାଟ କୋହଲି ଓ ରୋହିତ ଶର୍ମା ଦିନିକିଆରେ ଆକ୍ସନ ଦେଖାଇବେ ବୋଲି ଆଶା ରଖିଛନ୍ତି ଫ୍ୟାନ୍ସ ।

**ହେବ ୮ ମୁକାବିଲା, କମାଲ କରିବେ ରୋହିତ-କୋହଲି**

ଏହି ସିରିଜ ଭାରତର ଅଲଗା ଅଲଗା ସହରରେ ୧୧ ଜାନୁଆରୀରୁ ୩୧ ଯାଏ ଆୟୋଜିତ ହେବ । ସହରର ଭୌଗୋଳିକ ଓ ଜଳବାୟୁ ପରିସ୍ଥିତି ଷ୍ଟାଡିୟମରେ ଅଲଗା ଅଲଗା ସହରରେ ଖେଳାଯିବ । ଦିନିକିଆ ମ୍ୟାଚ ବଦୋଡାରେ ଆରମ୍ଭ ହେବ । ଏହାପରେ ଟି-୨୦ ସିରିଜ ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ ଚୟନ ପାଇଁ ମହତ୍ତ୍ୱପୂର୍ଣ୍ଣ ହେବ । ଏହା ରାୟପୁର ଏବଂ ଗୌହାଟୀ ପରି ଭେନ୍ୟୁରେ ଖେଳାଯିବ ।

ଟି-ଟ୍ୱେଣ୍ଟିରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ମୈଦାନକୁ ଓହ୍ଲାଇବ । ଦିନିକିଆ ଫର୍ମାଟରେ ରୋହିତ ଶର୍ମା ଦଳର ନେତୃତ୍ୱ ନେବେ । ରୋହିତ ଟି-ଟ୍ୱେଣ୍ଟି ଓ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି । ବର୍ତ୍ତମାନ ସେ କେବଳ ଦିନିକିଆ ଖେଳିବେ ।




**କ୍ରୀଡ଼ା ସୂଚୀ**

ଜାନୁଆରୀ ୧୧- ପ୍ରଥମ ଦିନିକିଆ-ବଡ଼ୋଦା
ଜାନୁଆରୀ ୧୪-ଦ୍ୱିତୀୟ ଦିନିକିଆ-ରାଜକୋଟ
ଜାନୁଆରୀ ୧୮- ତୃତୀୟ ଦିନିକିଆ-ଇନ୍ଦୋର
ଜାନୁଆରୀ ୨୧- ପ୍ରଥମ ଟି-ଟ୍ୱେଣ୍ଟି- ନାଗପୁର
ଜାନୁଆରୀ ୨୩-ଦ୍ୱିତୀୟ ଟି-ଟ୍ୱେଣ୍ଟି- ରାୟପୁର
ଜାନୁଆରୀ ୨୫- ତୃତୀୟ ଟି-ଟ୍ୱେଣ୍ଟି-ଗୌହାଟୀ
ଜାନୁଆରୀ ୨୮-ଚତୁର୍ଥ ଟି-ଟ୍ୱେଣ୍ଟି-ବିଶାଖାପାଟନମ୍

ଜାତୀୟ କରାଟେ

## ଦ୍ୱିତୀୟ ଦିନ ସୁଦ୍ଧା ଓଡ଼ିଶାକୁ ୯ ପଦକ

**ଭୁବନେଶ୍ୱର, ୧୫।୬:** ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଉପକନିଷ୍ଠ, ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗିତାରେ ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଓଡ଼ିଶା ଖେଳାଳି ୨ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ କାଂସ୍ୟ ସହ ୯ ପଦକ କରାୟତ୍ତ କରିଛନ୍ତି । ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଯୁବ ୭୦ କେଜି ଫାଇଟିଂରେ ଏବଂ ଦିବ୍ୟ ପ୍ରସାଦ ନାୟକ କନିଷ୍ଠ ୭୬ କେଜିରୁ ଅଧିକ ଫାଇଟିଂରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଗତ ଯୁବ ଏସିଆ ବାଳିକା କାଟାରେ କାଂସ୍ୟ ପଦକ ଜିତିଥିବା ଆଲିଶା ସୁବୁଦ୍ଧି, ଯୁବ ବାଳକ ୫୨ କେଜି ଫାଇଟିଂରେ ଓମ୍ ସତ୍ୟମ ମହାନ୍ତି ରୌପ୍ୟ ଜିତିଥିଲେ । ୬୧ କେଜି ବାଳିକା ଫାଇଟିଙ୍ଗରେ ତପସ୍ୱିନୀ ନାୟକ, କନିଷ୍ଠ ବାଳିକା କାଟାରେ ସୁପ୍ରିୟା ମହାନ୍ତି, କନିଷ୍ଠ ବାଳକ ୬୮ କେଜି ଫାଇଟିଂରେ ଆର୍ଯ୍ୟବ୍ରତ ବିଶ୍ୱାଳ, କନିଷ୍ଠ ବାଳକ କାଟା ଦଳ (ଶୁଭମ ଦାଶ , ଦୋଳଗୋବିନ୍ଦ ବେହେରା, ରିତେଶ ପାତ୍ର, ଅଂଶୁମାନ ମିଶ୍ର), ବାଳିକା ଦଳ (ଆଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି, ତମନା ମେହେର, ସ୍ୱେତାଞ୍ଜନା ସାହୁ) କାଂସ୍ୟ ପଦକ ପାଇଛନ୍ତି । ଏହି ସଫଳତା ଲାଗି ପଦକ ବିଜେତାଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ଅଭିନନ୍ଦନ ଜଣାଇଛି ।



## ଜୀବିତ ରହୁ ପଟୌଦୀଙ୍କ ଲିଗାସି: ସଚିନ

**ସଚିନ କହିଛନ୍ତି, ଇଂଲଣ୍ଡରେ ଯେଉଁ ଟେଷ୍ଟ ସିରିଜ୍ ଭାରତୀୟ ଦଳ ଖେଳୁଛି ତାର ନାମ ପଟୌଦୀଙ୍କ ନାମରେ ରହିବା ଉଚିତ୍ । ବିସିସିଆଇ ଓ ଇଂଲଣ୍ଡ କ୍ରିକେଟ୍ ବୋର୍ଡ ମିଶି ଏହି ସିରିଜର ନାଁ ତେନ୍ଦୁଲକର-ଆଣ୍ଡରସନ ସିରିଜ୍ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ।**

**ନୂଆଦିଲ୍ଲୀ, ୧୫।୬:** କ୍ରିକେଟ୍‌ର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଏକ ଖାସ୍ ଅନୁରୋଧ କରିଛନ୍ତି । ସଚିନ କହିଛନ୍ତି, ଇଂଲଣ୍ଡରେ ଯେଉଁ ଟେଷ୍ଟ ସିରିଜ୍ ଭାରତୀୟ ଦଳ ଖେଳୁଛି ତାର ନାମ ପଟୌଦୀଙ୍କ ନାମରେ ରହିବା ଉଚିତ୍ । ବିସିସିଆଇ ଓ ଇଂଲଣ୍ଡ କ୍ରିକେଟ୍ ବୋର୍ଡ ମିଶି ଏହି ସିରିଜର ନାଁ ତେନ୍ଦୁଲକର-ଆଣ୍ଡରସନ ସିରିଜ୍ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ମାତ୍ର ସଚିନ ଚାହାନ୍ତି କୌଣସି ବି ପ୍ରକାରେ ପଟୌଦୀଙ୍କ ଇତିହାସକୁ ଜୀବିତ ରଖାଯାଉ । ପଟୌଦୀ ଟ୍ରଫି ନାମରେ ଏହି ସିରିଜ୍ ଏହି ମହାନ ଖେଳାଳିଙ୍କ ସମ୍ମାନରେ ଖେଳା ଯାଉଛି । ଏହି ଖେଳାଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ଓ ଇଂଲଣ୍ଡ ଉଭୟ ଦଳର ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ଖେଳାଳି । କିନ୍ତୁ ବିସିସିଆଇ ଓ ଇସିବି ଜେମ୍ସ ଆଣ୍ଡରସନ ଓ ତେନ୍ଦୁଲକରଙ୍କ ସମ୍ମାନରେ ସିରିଜ୍‌ର ନାଁ ପଟୌଦୀ ଟ୍ରଫି ବଦଳାଇ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଉଭୟ ବୋର୍ଡ ପଟୌଦୀ ପରିବାରକୁ ଆନୁଷ୍ଠାନିକ ଭାବେ ଏହାର ସୂଚନା ଦେଇଥିଲେ । ହେଲେ ଏହି ନିଷ୍ପତ୍ତିରେ ପଟୌଦୀ ପରିବାର ଖୁସି ନାହାନ୍ତି ।



ହେଲେ ଏବେ ଖୋଦ୍ ସଚିନ ତେନ୍ଦୁଲକର ବିସିସିଆଇକୁ ଭବିଷ୍ୟତରେ ଭାରତ-ଇଂଲଣ୍ଡ ସିରିଜରେ ପଟୌଦୀଙ୍କ ଲିଗାସିକୁ ଜାରି ରଖିବାକୁ ଅନୁରୋଧ କରିଛନ୍ତି । କ୍ରିକବଜ ଅନୁସାରେ ୫୨ ବର୍ଷୀୟ ତେନ୍ଦୁଲକର ଏହି ମାମଲାରେ ବିସିସିଆଇ ଓ ଇସିବିର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । କେବଳ ଏତିକି ନୁହେଁ ରିପୋର୍ଟରେ ଦାବି କରାଯାଇଛି ଯେ, ସଚିନ ତେନ୍ଦୁଲକରଙ୍କ କଥାରେ ଦୁଇ ବୋର୍ଡ ସହମତି ପ୍ରକାଶ କରିଛନ୍ତି । ଆଇସିସିର ବର୍ତ୍ତମାନ ଅଧ୍ୟକ୍ଷ ତଥା ବିସିସିଆଇର ପୂର୍ବତନ ସଂପାଦକ ଜୟ ଶାହ ମଧ୍ୟ ଏହା ସୁନିଶ୍ଚିତ କରିଛନ୍ତି ଯେ, ତେନ୍ଦୁଲକରଙ୍କ ଅନୁରୋଧ ପୂରା ହେଉ ।

ଟ୍ରଫି ନାମକରଣ ସମାରୋହ ଜୁନ ୧୪ରେ ଲର୍ଡ୍ସରେ ଡବ୍ଲ୍ୟୁଟିସ ଫାଇନାଲ୍ ସମୟରେ ଆୟୋଜିତ ହେବାର ଥିଲା । ମାତ୍ର ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପୀଡ଼ିତଙ୍କ ସମ୍ମାନରେ ଏହି କାର୍ଯ୍ୟକ୍ରମକୁ ରଦ୍ଦ କରାଯାଇଛି । ଏହା ମଧ୍ୟ କୁହାଯାଉଛି ଯେ, ପଟୌଦୀ ପଦକ ବିଜେତା ଦଳର ଅଧିନାୟକ କିମ୍ବା ସିରିଜରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଦିଆଯିବ ।

## ବିସିସିଆଇ ଘରୋଇ କ୍ରୀଡ଼ାସୂଚୀ ଘୋଷିତ

**ଅକ୍ଟୋବର ୧୫ରୁ ରଣଜୀ ଟ୍ରଫି ■ ଦୁଲୀପ ଟ୍ରଫିରୁ ଆରମ୍ଭ ହେବ ସିଜନ**

**ନୂଆଦିଲ୍ଲୀ,୧୫।୬ :** ବିସିସିଆଇ ପକ୍ଷରୁ ୨୦୨୫-୨୬ ସିଜନ ପାଇଁ ଘରୋଇ କ୍ରୀଡ଼ାସୂଚୀ ଘୋଷଣା କରାଯାଇଛି । ଅଗଷ୍ଟ ୨୮ ତାରିଖରୁ ଦୁଲୀପ ଟ୍ରଫି ସହ ସିଜନ ଆରମ୍ଭ ହେବ । ସେହିପରି ପ୍ରିମିୟର ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଅକ୍ଟୋବର ୧୫ ତାରିଖରୁ ଆରମ୍ଭ ହୋଇ ୨୦୨୬ ଫେବ୍ରୁଆର ୨୮ ତାରିଖରେ ଶେଷ ହେବ । ଏଥର ବିସିସିଆଇ କିଛି ଟୁର୍ଣ୍ଣାମେଣ୍ଟର ଫର୍ମାଟରେ ପରିବର୍ତ୍ତନ କରିଛି ।

ଶନିବାର ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକ ବସିଥିଲା । ଏହି ବୈଠକରେ ଘରୋଇ କ୍ରୀଡ଼ାସୂଚୀ ଘୋଷଣା କରାଯାଇଥିଲା । ଏଥର ଦୁଲୀପ ଟ୍ରଫି ପାରମ୍ପରିକ ଜୋନ ସ୍ତରୀୟ ଫର୍ମାଟରେ ଖେଳାଯିବ । ଆଗାମୀ ଅଗଷ୍ଟ ୨୮ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ସେପଟ୍ମ୍ବର ୧୫ ତାରିଖରେ ଶେଷ ହେବ । ଗତ ବର୍ଷ ଦୁଲୀପ ଟ୍ରଫିରେ ୪ଟି ଦଳ (ଭାରତ ଏ, ବି, ସି, ଡି) ଭାଗ ନେଇଥିଲେ । ମାତ୍ର ଏଥର ୬ଟି ଜୋନ (ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ର ଏବଂ ଉତ୍ତର-ପୂର୍ବ) ଦଳ ଭାଗ ନେବେ । ପୂର୍ବଭଳି ଜୋନାଲ କମିଟି ସମସ୍ତ ଦଳ ଚୟନ କରିବେ । ଏହାପରେ ଇରାନୀ କପ୍ ଅକ୍ଟୋବର ୧ରୁ ୫ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ।

ପୂର୍ବ ସିଜନ ଭଳି ଏଥର ମଧ୍ୟ ରଣଜୀ ଟ୍ରଫି ୨ଟି ପର୍ଯ୍ୟାୟରେ ଖେଳାଯିବ । ପ୍ରଥମ ପର୍ଯ୍ୟାୟ ଲିଗ୍ ଅକ୍ଟୋବର ୧୫ରୁ ନଭେମ୍ବର ୧୯ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ୨୦୨୬ ଜାନୁଆରୀ ୨୨ରୁ ଫେବ୍ରୁଆରୀ ୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଏହାପରେ ଫେବ୍ରୁଆରୀ ୬ରୁ ୨୮ ତାରିଖ ମଧ୍ୟ ନକ୍‌ଆଉଟ୍ ରାଉଣ୍ଡ୍ ଖେଳାଯିବ । ସେହିପରି ସୟଦ ମୁସ୍ତାକ ଅଲି ଟ୍ରଫି ଏବଂ ସିନିୟର ମହିଳା ଟି-ଟ୍ୱେଣ୍ଟି ଟ୍ରଫିରେ ଏଥର ସୁପର ଲିଗ୍ ପର୍ଯ୍ୟାୟ ସାମିଲ କରାଯାଇଛି । ଗ୍ରୁପ୍ ପର୍ଯ୍ୟାୟ ପରେ ସୁପର ଲିଗ୍ ରାଉଣ୍ଡ୍ ଆରମ୍ଭ ହେବ । ସୟଦ ମୁସ୍ତାକ ଅଲି ଟ୍ରଫି ନଭେମ୍ବର ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୧୮ ତାରିଖରେ ଶେଷ ହେବ । ସିନିୟର ମହିଳା ଟି-ଟ୍ୱେଣ୍ଟି ଟ୍ରଫି ଅକ୍ଟୋବର ୮ରୁ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହେବ । ଏହି ଟୁର୍ଣ୍ଣାମେଣ୍ଟ ସହ ଘରୋଇ ମହିଳା କ୍ରିକେଟ୍ ସିଜନ ଆରମ୍ଭ ହେବ ।

ବିଜୟ ହଜାରେ ଟ୍ରଫି, ସିନିୟର ମହିଳା ଦିନିକିଆ ଟ୍ରଫି ଏବଂ ପୁରୁଷ ୨୩ବର୍ଷରୁ କମ୍ ରାଜ୍ୟ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଉପରୋକ୍ତ ୩ଟି ଯାକ ଟୁର୍ଣ୍ଣାମେଣ୍ଟରେ ୪ଟି ଏଲିଟ୍ ଗ୍ରୁପ୍ ସମେତ ଏଥର ପ୍ଲେ ଗ୍ରୁପ୍ ସାମିଲ କରାଯାଇଛି । ବିଜୟ ହଜାରେ ଟ୍ରଫି ଡିସେମ୍ବର ୨୪ରୁ ଆରମ୍ଭ ହୋଇ ଜାନୁଆରୀ ୮ତାରିଖରେ ଶେଷ ହେବ ।



## ଦକ୍ଷିଣ ଏସୀୟ ବଡିବିଲ୍ଡିଂ ଏବଂ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିଅନସିପରେ ୟାଜିକ୍ ହିଲାଙ୍ଗଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୫।୬:** ଭାରତର ୟାଜିକ୍ ହିଲାଙ୍ଗ୍ ଗତକାଲି ଭୁଟାନର ଥିମ୍ପୁରେ ଅନୁଷ୍ଠିତ ୧୫ତମ ଦକ୍ଷିଣ ଏସୀୟ ବଡିବିଲ୍ଡିଂ ଏବଂ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିଅନସିପ୍ ୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେ ୧୫୫ ସେମି ପର୍ଯ୍ୟନ୍ତ ମହିଳା ମଡେଲ୍ ଫିଜିକ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲେ । ୟାଜିକ୍ ଅରୁଣାଚଳ ପ୍ରଦେଶର ବାସିନ୍ଦା ଏବଂ ସେ ଏକ ଅନ୍ତର୍ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ରାଜ୍ୟର ପ୍ରଥମ ମହିଳା ଫିଜିକ୍ ସ୍ପୋର୍ଟ୍ସ ଆଥଲେଟ୍ ହୋଇଛନ୍ତି । ଦକ୍ଷିଣ ଏସୀୟ ବଡିବିଲ୍ଡିଂ ଏବଂ ଫିଜିକ୍ ସ୍ପୋର୍ଟ୍ସ ଫେଡେରେସନ ଦ୍ୱାରା ଆୟୋଜିତ, ୫ ଦିନିଆ ଚାମ୍ପିଅନସିପ୍ ଆଜି ଶେଷ ହେବ । ପ୍ରତିଯୋଗିତାରେ ଅନେକ ଦକ୍ଷିଣ ଏସୀୟ ରାଷ୍ଟ୍ର ଅଂଶଗ୍ରହଣ କରିଛନ୍ତି ଏବଂ ଏହାକୁ ବିଶ୍ୱ ବଡିବିଲ୍ଡିଂ ଏବଂ ଫିଜିକ୍ ସ୍ପୋର୍ଟ୍ସ ଫେଡେରେସନ (ଡବ୍ଲ୍ୟୁବିପିଏଫ) ଦ୍ୱାରା ମଧ୍ୟ ସ୍ୱୀକୃତି ଦିଆଯାଇଛି ।



## ବାହା ହେବେ ଏସଆରଏଚ ମାଲିକାଣୀ କାବ୍ୟା ମାରନ !

**ମୁମ୍ବାଇ,୧୫।୬:** ସନରାଇଜର୍ସ ହାଇଦ୍ରାବାଦର ମାଲିକାଣୀ କାବ୍ୟା ମାରନଙ୍କ ବିଷୟରେ ଏକ ଖବର ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଦାବି କରାଯାଉଛି ଯେ କାବ୍ୟା ଖୁବ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ତାଙ୍କ ଭବିଷ୍ୟତ ସ୍ୱାମୀ ହେଉଛନ୍ତି ଅନିରୁଦ୍ଧ ରବିଚନ୍ଦର, ଯିଏ ଜଣେ ପ୍ରସିଦ୍ଧ ସଂଗୀତଜ୍ଞ । ଏବେ ପ୍ରତିକ୍ରିୟା ଆଉ କେହି ନୁହେଁ ବରଂ ନିଜେ ଅନିରୁଦ୍ଧଙ୍କ ଠାରୁ ଆସିଛି । ସେ ସମସ୍ତଙ୍କୁ ସତ୍ୟ କହିଛନ୍ତି । କାବ୍ୟା ମାରାନ ହେଉଛନ୍ତି ସନରାଇଜର୍ସ ହାଇଦ୍ରାବାଦର ମାଲିକଙ୍କ ଝିଅ, ଯିଏ ଆଇପିଏଲ ନିଲାମଠାରୁ ଆରମ୍ଭ କରି ଆଇପିଏଲ ପର୍ଯ୍ୟନ୍ତ ଦଳର ପ୍ରତ୍ୟେକ ମ୍ୟାଚରେ ଦେଖାଯାଆନ୍ତି । ୨୦୨୪ ରନର୍ସଅପ ହାଇଦ୍ରାବାଦ ଏଥର ଲିଗ ପର୍ଯ୍ୟାୟରୁ ବାଦ ପଡ଼ିଥିଲା । କାବ୍ୟାଙ୍କ ବିଷୟରେ କହିବାକୁ ଗଲେ, ତାଙ୍କର ଇନଷ୍ଟାଗ୍ରାମ କିମ୍ବା ଅନ୍ୟ କୌଣସି ସୋସିଆଲ ମିଡିଆ ପ୍ଲାଟଫର୍ମରେ କୌଣସି ଅଫିସିଆଲ ଆକାଉଣ୍ଟ ନାହିଁ । ତାଙ୍କୁ କେବଳ ଆଇପିଏଲ ମ୍ୟାଚ ସମୟରେ ଦେଖାଯାଏ । ସୋସିଆଲ ମିଡିଆରେ ଦାବି କରାଯାଇଥିଲା ଯେ ଉଭୟଙ୍କୁ ଡିନର ଡେଟରେ ଦେଖାଯାଇଥିଲା । କୁହାଯାଉଥିଲା ଯେ କାବ୍ୟା ଏବଂ ଅନିରୁଦ୍ଧ ଗତ ୧ ବର୍ଷ ଧରି ଡେଟ କରୁଛନ୍ତି ଏବଂ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଖବର ଉପରେ ସଂଗୀତଜ୍ଞ ଅନିରୁଦ୍ଧ ରବିଚନ୍ଦର ନିଜର ନୀରବତା ଭାଙ୍ଗି ଏହାକୁ କେବଳ ଏକ ଗୁଜବ ବୋଲି କହିଛନ୍ତି । ସେ ଲେଖିଛନ୍ତି, 'ବିବାହ ଆହା ? ହାହା... ଶାନ୍ତ ହୁଅ । ଏବଂ ଦୟାକରି ଏହି ଗୁଜବ ପ୍ରଚାର କରିବା ବନ୍ଦ କର ।'

ଅନିରୁଦ୍ଧ ରବିଚନ୍ଦ୍ର (@anirudhofficial) ଜୁନ ୧୪, ୨୦୨୫ ଅନିରୁଦ୍ଧ ଦକ୍ଷିଣର ଜଣେ ପ୍ରସିଦ୍ଧ ସଂଗୀତକାର । ତାଙ୍କ ପିତା ଅଭିନେତା ରବି ରାଘବେନ୍ଦ୍ର ଏବଂ ମାତା ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଲକ୍ଷ୍ମୀ । ସୁପରଷ୍ଟାର ରଜନୀକାନ୍ତଙ୍କ ପତ୍ନୀ ଲତା ଅନିରୁଦ୍ଧଙ୍କ ମାଉସୀ । ସେ 'ଜୱାନ' ଚଳଚ୍ଚିତ୍ର ସହିତ ବଲିଉଡରେ ପ୍ରବେଶ କରିଥିଲେ, ଏହା ପୂର୍ବରୁ ସେ 'କୋଲାଭେରୀ ଡି' ସହିତ ପ୍ରସିଦ୍ଧି ହାସଲ କରିଥିଲେ । କାବ୍ୟା ମାରାନ ମଧ୍ୟ ଜଣେ ଷ୍ଟାରଠାରୁ କମ ନୁହଁନ୍ତି, ସେ IPL ମ୍ୟାଚ ସମୟରେ ସବୁବେଳେ ଶିରୋନାମାରେ ରହିଥାନ୍ତି । ତାଙ୍କ ପ୍ରତିକ୍ରିୟାର ଭିଡିଓ କିମ୍ବା ଫଟୋ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୁଏ । କାବ୍ୟା ହେଉଛନ୍ତି ସନ ଗ୍ରୁପ ଅଧ୍ୟକ୍ଷ କଳାନିଧି ମାରାନଙ୍କ ଝିଅ ।




MBA/25-26/0135

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar